ଧରିତ୍ରୀ
DHARITRI
March 9 - 15, 2025 ₹ 2/-
ଧରିତ୍ରୀ DHARITRI 51 Years

ଛୁଟିଦିନ



# ସେଦିନର ହୋଲି ହେଉନାହିଁ ଭୁଲି

ପ୍ରଚ୍ଛଦ ପ୍ରସଙ୍ଗ

୩

ରଙ୍ଗର ପର୍ବ ହୋଲିର
ସ୍ମୃତି ଯେତେ ପୁରୁଣା
ହେଲେ ବି ତାହା
କେବେ ଫିକା ପଡ଼େନା।
ରହି ରହି ମନେ
ପଡ଼େ। ଆଉ ଦେହ ମନ
ଓଦା ହେଇଯାଏ
ତା'ର ସ୍ମୃତିର ରଙ୍ଗରେ...





# ହୋଲିରେ ଘରକୁ କ'ଣ ଆଣିବା ଶୁଭ

**ରଙ୍ଗର ପର୍ବ ହୋଲି ସଭିଙ୍କ ମନରେ ଖୁସି ଭରିଦିଏ। ବାସ୍ତୁଶାସ୍ତ୍ର ଅନୁଯାୟୀ, ଏହି ପବିତ୍ର ଦିନରେ କିଛି ଖାସ୍ ଜିନିଷ ଘରକୁ ଆଣିବା ବି ଶୁଭ ହୋଇଥାଏ। ଯେମିତି କି...**

* ବାମ୍ବୋ ପ୍ଲାଣ୍ଟକୁ ସକାରାତ୍ମକ ଉର୍ଜାର ପ୍ରତୀକ ବୋଲି କୁହାଯାଇଥାଏ। ଯେଉଁ ଘରେ ଏହି ଗଛ ଥାଏ, ସେଠି ସୁଖଶାନ୍ତି ବୃଦ୍ଧିପାଏ ବୋଲି ବିଶ୍ୱାସ କରାଯାଏ। ହୋଲି ଅବସରରେ ଘରକୁ ବାମ୍ବୋ ପ୍ଲାଣ୍ଟ ଆଣିବା ଶୁଭ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

* ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରର ମୁଖ୍ୟଦ୍ୱାରରେ ଆମ୍ବପତ୍ରର ମାଳ ଲଗାଇବା ଶୁଭ ହୋଇଥାଏ। ଖାସ୍ କରି ହୋଲି ଅବସରରେ ଘରର ମୁଖ୍ୟଦ୍ୱାରରେ ଆମ୍ବପତ୍ରର ମାଳ ଲଗାଇଲେ ମହାଲକ୍ଷ୍ମୀ ପ୍ରସନ୍ନ ହୋଇଥାନ୍ତି।

* ହୋଲି ଅବସରରେ ଘରକୁ ରୁପା କଏନ୍ ଆଣିବା ବି ଶୁଭ



ହୋଇଥାଏ। ଏହି କଏନ୍‌କୁ ପୂଜା କରି ନାଲି କିମ୍ବା ହଳଦିଆ ରଙ୍ଗର କପଡ଼ାରେ ଗୁଡ଼ାଇ ଆଲମାରୀରେ ରଖିଲେ ଆର୍ଥିକାବସ୍ଥା ସୁଧୁରିଥାଏ ବୋଲି ବିଶ୍ୱାସ ରହିଛି।

* ଘରେ କଇଁଛ ପ୍ରତୀମା ରଖିବା ବି ଶୁଭଫଳ ଦେଇଥାଏ। ବିଶେଷକରି ହୋଲି ଅବସରରେ ଘରକୁ ଏମିତି କଇଁଛ ପ୍ରତୀମା ଆଣିବା ଦରକାର; ଯାହାର ପିଠିରେ ଶ୍ରୀଯନ୍ତ୍ର ଅବା କୁବେର ଯନ୍ତ୍ରର ଚିହ୍ନ ଥିବ। କୁହାଯାଏ, ଏଭଳି ପ୍ରତୀମାକୁ ଘରକୁ ଆଣିଲେ ମାତା ଲକ୍ଷ୍ମୀ କୃପା କରିଥାନ୍ତି।

* ହୋଲି ଅବସରରେ ଘରର ଠାକୁରଙ୍କ ପାଇଁ ନୂତନବସ୍ତ୍ର ହେଉ ଅଥବା କିଛି ପୂଜା ସାମଗ୍ରୀ କିଣିଲେ ବି ପ୍ରଭୁ କୃପା ମିଳିଥାଏ ବୋଲି ବିଶ୍ୱାସ କରାଯାଏ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମାର୍ଚ୍ଚ ୯-୧୫

### ମେଷ



କର୍ମକ୍ଷେତ୍ରରେ ମତାନ୍ତର, ମାନସିକ ଅସ୍ଥିରତା, ଋଣ ପରିଶୋଧ କରିବେ, ସ୍ୱାସ୍ଥ୍ୟଭଲ ରହିବ, ଆତ୍ମୀୟଙ୍କ ମୃଦୁ ଭର୍ତ୍ସନା, ସାହିତ୍ୟକୃତିରୁ ପ୍ରଶଂସା, ଖୋଜୁଥିବା ଜିନିଷ ମିଳିବ, ପଦୋନ୍ନତିର ସୂଚନା, ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ॥

### ବୃଷ


ଶାରୀରିକ ପୀଡ଼ା, ମାନସିକ ଅସ୍ଥିରତା, ଆର୍ଥିକ ଦୂରାବସ୍ଥା, ଆନୁଷ୍ଠାନିକ ପ୍ରସ୍ତୁତି, ଭ୍ରାତୃବର୍ଗ ଦ୍ୱାରା ସମସ୍ୟା, ବନ୍ଧୁଙ୍କୁ ଆପଣେଇ ନେବେ, ବସ୍ତ୍ରଭୂଷଣପ୍ରାପ୍ତି, କର୍ମକ୍ଷେତ୍ରରେ ସୁଯୋଗ ଲାଭ, ଆଶଙ୍କା ଦୂର ହେବ, ପାରିବାରିକ ଶାନ୍ତି, ସମସ୍ୟା ସମାଧାନ ॥

### ମିଥୁନ



କର୍ମକ୍ଷେତ୍ରରେ ପ୍ରତିଷ୍ଠା, ଆର୍ଥିକ ଅବନତି, ବନ୍ଧୁଙ୍କ ସାହାଯ୍ୟପ୍ରାପ୍ତି, ପାରିବାରିକ ଶୃଙ୍ଖଳା, ସହକର୍ମୀଙ୍କ ବିରୋଧାଭାଷ, ମିତ୍ରବନ୍ଧୁ ସମାଗମ, ବ୍ୟବସାୟରେ ଉନ୍ନତି, ପ୍ରତିବନ୍ଧକ ଦୂର ହେବ, ନିଷ୍ପତି ବଦଳାଇବେ, ଦୂରଯାତ୍ରା କରିପାରନ୍ତି।

### କର୍କଟ


ନିରୁତ୍ସାହିତ ରହିବେ, ବନ୍ଧୁଙ୍କ ସହଯୋଗ, କାର୍ଯ୍ୟସିଦ୍ଧିରୁ ଆନନ୍ଦ, ପାରିବାରିକ ସହମତି, ବ୍ୟାଙ୍କଋଣ ମିଳିବ, ପଦସ୍ଥବ୍ୟକ୍ତିଙ୍କ ଅନୁକମ୍ପା, ରାଜନୈତିକ ବିବାଦ, ଶିଳ୍ପ ବାଣିଜ୍ୟରେ ଉନ୍ନତି ॥

### ସିଂହ


ନୂତନ କାର୍ଯ୍ୟାରମ୍ଭ, ଆର୍ଥିକ ସହାୟତାପ୍ରାପ୍ତି, ନୂଆ ସମ୍ପର୍କ ଯୋଡ଼ିବେ, ବନ୍ଧୁଙ୍କୁ ସମାଦର, ନିର୍ମାଣରେ ବିବାଦ, ସଙ୍ଗୀତ ଚଳଚ୍ଚିତ୍ରରେ ସୁନାମ, ପ୍ରଶାସନିକ ତତ୍ପରତା, ଯୋଗାଯୋଗରେ ସମସ୍ୟା, ଶୁଭ ଖବରପ୍ରାପ୍ତି, ଯାନ୍ତ୍ରିକ ଜିନିଷ କିଣିବେ ॥

### କନ୍ୟା


ଭ୍ରାତୃସମ୍ପର୍କ ବୃଦ୍ଧି, ବିବାଦରେ ବିଜୟ, ବନ୍ଧୁମାନଙ୍କ ପ୍ରଶଂସା, ବ୍ୟବସାୟରେ ସନ୍ତୋଷ, ବକେୟା ପାଇବେ, ପ୍ରକାଶନରେ ବିଳମ୍ବ, ଯାତ୍ରାରେ ସଫଳତା, ଦୈହିକ ଦୁର୍ବଳତା, କର୍ମକ୍ଷେତ୍ରରେ ମନ୍ଥରତା, ସନ୍ତାନଙ୍କ କୃତିତ୍ୱ ॥

### ତୁଳା


ଦେହ ସୁସ୍ଥ ରହିବ, କାର୍ଯ୍ୟରେ ବିତର୍କ, ସହକର୍ମୀଙ୍କ ସମାଲୋଚନା, କଚେରୀରେ ବାଇଦା, ବ୍ୟବସାୟରେ ପ୍ରତିଦ୍ୱନ୍ଦିତା, ଧନହାନୀରୁ ଦୁଃଶ୍ଚିନ୍ତା, ପାରିବାରିକ ଶାନ୍ତି, ରୋଗ ଉପଶମ ହେବ, ବିବାଦରେ ବିଜୟ, ବସ୍ତ୍ରଭୂଷଣପ୍ରାପ୍ତି ॥

### ବିଛା


ସମସ୍ୟା ସମାଧାନ, ଋଣ ପରିଶୋଧ, ପ୍ରତିବନ୍ଧକ ହଟିଯିବ, ପରିବହନରେ ଉନ୍ନତି, ଯୋଗସାଧନାରେ ରୁଚି, ଧର୍ମାନୁଷ୍ଠାନରୁ ପ୍ରେରଣା, ଶିକ୍ଷାରେ ସଫଳତା, ଭ୍ରମଣ ସୁଯୋଗ, ପ୍ରାପ୍ୟଧନରେ ବାଧା, ପ୍ରତୀକ୍ଷାଜନିତ ଯନ୍ତ୍ରଣା ॥

### ଧନୁ


କର୍ମକ୍ଷେତ୍ରରେ ସମ୍ମାନପ୍ରାପ୍ତି, ବୈଷୟିକ ଅଭିବୃଦ୍ଧି, ପାରିବାରିକ ଆଲୋଚନା, ବନ୍ଧୁପ୍ରସ୍ତାବ ଆସିବ, ରପ୍ତାନୀ ବାଣିଜ୍ୟରେ ବାଧାସୃଷ୍ଟି, ନୀଚସଂସର୍ଗରୁ ସମାଲୋଚନା, ସନ୍ତାନହେତୁକ ଗୌରବ, ଧର୍ମକାର୍ଯ୍ୟ କରିବେ, ସାମାଜିକ ସମ୍ମାନ, ନିଯୁକ୍ତିଅଫର୍ ପାଇବେ ॥

### ମକର


ମାନସିକ ଅସ୍ଥିରତା, ବନ୍ଧୁ ବିଦ୍ୱେଷରୁ ମନସ୍ତାପ, ସନ୍ତାନଙ୍କ ସ୍ୱାସ୍ଥ୍ୟହାନୀ, ଧର୍ମକାର୍ଯ୍ୟରେ ବ୍ୟୟ, ଦୂରଯାତ୍ରାର ପ୍ରସ୍ତୁତି, ମିତ୍ରତାରେ ତିକ୍ତତା, ପାରିବାରିକ ମତଭେଦ, ଅସାବଧାନତାରୁ ଦ୍ରବ୍ୟ ନଷ୍ଟ, ରଚନାତ୍ମକ କାମରୁ ପ୍ରଶଂସା, ଯାତ୍ରା ଯୋଜନା ॥

### କୁମ୍ଭ


କାର୍ଯ୍ୟସିଦ୍ଧିରୁ ଆନନ୍ଦ, ଆନୁଷ୍ଠାନିକ କର୍ମାରମ୍ଭ, ବନ୍ଧୁଙ୍କ ପ୍ରତାରଣା, ଭ୍ରାତୃବର୍ଗରେ ଉନ୍ନତି, ସଭାସମିତିକୁ ନିମନ୍ତ୍ରଣ, ବନ୍ଧୁ ମିଳନ, ଦୂରଯାତ୍ରାରେ ସଫଳତା, ଯନ୍ତ୍ରଣା ଉପଶମ ହେବ, ସାହିତ୍ୟ ସଂସ୍କୃତିରେ ଅନୁରାଗ, ବ୍ୟବସାୟିକ ସଫଳତା ॥

### ମୀନ


ଶାରୀରିକ ସୁସ୍ଥତା, ସରକାରୀ ସାହାଯ୍ୟପ୍ରାପ୍ତି, ନିଷ୍ପତିର ପରିବର୍ତ୍ତନ, ସୌଖୀନ ଜିନିଷକ୍ରୟ, ଲେଖାପଢ଼ାରେ ଆଗ୍ରହ, ସ୍ଥଗିତ କାର୍ଯ୍ୟାରମ୍ଭ, ମାଙ୍ଗଳିକ କାମର ଆଲୋଚନା, ଗୃହ ସଜ୍ଜୀକରଣ, ପରିବହନରେ ଉନ୍ନତି, ତୀର୍ଥାଟନ କରିପାରନ୍ତି, ସ୍ୱର୍ଣ୍ଣାଳଙ୍କାର କ୍ରୟ ॥

# ରଙ୍ଗର ସଙ୍କେତ...



ବାସ୍ତୁଶାସ୍ତ୍ର ଅନୁଯାୟୀ, ରଙ୍ଗର ପର୍ବ ହୋଲିରେ ଧଳା ହେଉ କି ହଳଦିଆ ଅବା ନାଲି, ସବୁଜ, ଗୋଲାପୀ କିମ୍ବା ନାରଙ୍ଗୀ ରଙ୍ଗର ପୋଷାକ ପିନ୍ଧି ହୋଲି ଖେଳିବା ସବୁଠୁ ଶୁଭ ହୋଇଥାଏ। କାରଣ ଧଳା ରଙ୍ଗ ହେଉଛି ଶାନ୍ତି ଓ ପବିତ୍ରତାର ପ୍ରତୀକ। ଏହି ରଙ୍ଗର ପୋଷାକ ପିନ୍ଧି ହୋଲି ଖେଳିଲେ ସୁଖଶାନ୍ତି ମିଳିଥାଏ ବୋଲି ବିଶ୍ୱାସ କରାଯାଏ। ସେହିପରି ଭଗବାନ କୃଷ୍ଣ ଓ ବିଷ୍ଣୁଙ୍କର ପ୍ରିୟ ରଙ୍ଗ ହଳଦିଆ ହୋଇଥିବାବେଳେ ପ୍ରଭୁ ରାମଙ୍କୁ ବି ହଳଦିଆ ଓ ନାରଙ୍ଗୀ ରଙ୍ଗ ଭଲ ଲାଗିଥାଏ। ତେଣୁ ହୋଲିରେ ଏହି ରଙ୍ଗର ପୋଷାକ ପିନ୍ଧି ଖେଳିବା ସହ ପ୍ରଭୁଙ୍କ ଚରଣରେ ହଳଦିଆ ରଙ୍ଗର ଫଗୁ ଅର୍ପଣ କଲେ ମନକୁ ବେଶ୍ ଶାନ୍ତି ମିଳିଥାଏ। ଅନ୍ୟପକ୍ଷେ ବାସ୍ତୁଶାସ୍ତ୍ର କହେ, ଯାହାଙ୍କର ଘର ପୂର୍ବମୁଖୀ ସେମାନେ ହଳଦିଆ, ନାଲି, ଗୋଲାପୀ ଅଥବା ନାରଙ୍ଗୀ ରଙ୍ଗର ଫଗୁରେ ହୋଲି ଖେଳିଲେ, ସେମାନଙ୍କର ଯଶ, ବୈଭବ ବୃଦ୍ଧି ପାଇଥାଏ। ଏହାଛଡ଼ା ଭୂମି ସହ ଜଡ଼ିତ ଯେ କୌଣସି କାମ କରୁଥିବା ବ୍ୟକ୍ତିଙ୍କୁ ହୋଲି ଅବସରରେ ନାଲି ରଙ୍ଗ ବ୍ୟବହାର କରିବା ଉତ୍ତମ ଫଳ ପ୍ରଦାନ କରିଥାଏ ବୋଲି ବିଶ୍ୱାସ ରହିଛି। ଏହା ବାଦ୍ ଘରେ ଶାନ୍ତି ଓ ସଦ୍‌ଭାବ ବଜାୟ ରଖିବାକୁ ଚାହୁଁଥିଲେ ହୋଲି ଦିନ ହଳଦିଆ ହେଉ କି ସବୁଜ ରଙ୍ଗର ଫଗୁ ବ୍ୟବହାର କରିବା ଉତ୍ତମ ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ କୁହାଯାଇଛି।

## ପାଠକୀୟ

* ଏମାନେ ସମସ୍ତେ ଶତାୟୁ। ତଥାପି ବେଶ୍ ସୁସ୍ଥ ଓ ଚଳଚଞ୍ଚଳ। ଆଉ ଏହି ସୁସ୍ଥତାର ଶ୍ରେୟ ସେମାନେ ଦିଅନ୍ତି ନିଜର ଖାଦ୍ୟପେୟ ଓ ଜୀବନଶୈଳୀକୁ; ଯାହାକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ଶତାୟୁଙ୍କ କଥା' ଶୀର୍ଷକ ଆଲେଖ୍ୟଟି ସତରେ ବେଶ୍ ମନଛୁଆଁ ଥିଲା। 'ମହାଶିବରାତ୍ରିରେ କ'ଣ କଲେ ଶୁଭ ହୁଏ', 'ବେଲ ଗଛର ବାସ୍ତୁ ମହତ୍ତ୍ୱ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ରାକେଶ ପ୍ରଧାନ, ମୟୂରଭଞ୍ଜ*

* ବୟସର ଅପରାହ୍ନରେ କାହାର ଅଣ୍ଟା ନଇଁଗଲାଣି ତ କାହାର ଦୃଷ୍ଟିଶକ୍ତି କ୍ଷୀଣ ହୋଇଆସିଲାଣି। ପୁଣି କାହାର ଦାନ୍ତ ଖସିପଡିଲାଣି ତ ଆଉ କାହା କାନକୁ ଭଲ ଶୁଭୁନାହିଁ। ବାର୍ଦ୍ଧକ୍ୟ ଛାପରେ ଚର୍ମରେ କୁଞ୍ଚନ ସୃଷ୍ଟି ହେଲାଣି ସତ ହେଲେ ଏମାନଙ୍କ ମନରେ ରହିଛି ଅଦମ୍ୟ ସାହସ। ସତେ ଯେମିତି ଏମାନଙ୍କୁ ଛୁଇଁପାରିନାହିଁ ବାର୍ଦ୍ଧକ୍ୟ। ଏଭଳି ଏକ ବିଷୟକୁ ନେଇ ଛୁଟିଦିନରେ ପ୍ରକାଶ ପାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ଶତାୟୁଙ୍କ କଥା' ଶୀର୍ଷକ ପାଠଟି ପ୍ରେରଣାଦାୟୀ ହୋଇଥିଲା।

*– ପୂର୍ଣ୍ଣିମା ଦାଶ, ମାଲକାନଗିରି*

* 'ସହସ୍ରଲିଙ୍ଗର ପବିତ୍ରସ୍ଥଳ' ପାଠରୁ ବହୁ ଅଜଣା କଥା ଜାଣିହେଲା। ସାମାଜିକ କର୍ମୀ ପ୍ରିୟବ୍ରତ ପଣ୍ଡାଙ୍କ କାର୍ଯ୍ୟଧାରା ସମାଜକୁ ଏକ ନୂଆ ଦିଗ୍‌ଦର୍ଶନ ଦେବ। ସୃଜନ ପୃଷ୍ଠାରେ ସ୍ଥାନିତ 'ରଙ୍ଗ ପରିବର୍ତ୍ତନ' ଶୀର୍ଷକ ଗପଟି ହୃଦୟସ୍ପର୍ଶୀ ଥିଲା। ସିନେମା ପୃଷ୍ଠାଟି ଆକର୍ଷଣୀୟ ଲାଗୁଥିଲା।

*– ପୁନମ୍ ସାହୁ, କଟକ*

* ଗାଳ୍ପିକା ଶକ୍ତିପ୍ରଦା ମହାପାତ୍ରଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ଖୁବ୍ ମନଛୁଆଁ ହୋଇଥିଲା। ସାଥୀର ଉତ୍ତର ରୋମାଣ୍ଟିକ୍‌ଭରା ଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ସୁଟ୍‌ରେ କେମିତି ଲାଗିବେ ଆକର୍ଷଣୀୟ', ସେ ସମ୍ପର୍କରେ ଅନେକ କଥା ଜାଣିହେଲା। ମଡେଲ୍ ମିରର୍‌ରେ ଅଙ୍କିତା ଖୁବ୍ ସୁନ୍ଦରୀ ଲାଗୁଥିଲେ।

*– ମୀରା ପାତ୍ର, ଭୁବନେଶ୍ୱର*

* ସହର ପୃଷ୍ଠାରୁ ନାଗେଶ୍ୱର ମନ୍ଦିର, ବିବିଧା ପୃଷ୍ଠାରୁ 'ସମ୍ବର ସହ କେମିତି ଶାମ୍ଭାଜୀ ମହାରାଜାଙ୍କ ସମ୍ପର୍କ ରହିଛି' ଏବଂ ବ୍ୟାକ୍‌ପେଜ୍ ପୃଷ୍ଠାରୁ 'ଟର୍ଚ୍ଚ ଟ୍ୟାଙ୍କ', 'ଚଢ଼େଇଙ୍କୁ ଦାନା ଦେବେ ଫଟୋ ବି ଉଠାଇବେ', 'ଘର ଛାତରେ ଘାସ ଗାଲିଚା' ଆଦି ପାଠ ବିଷୟରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା।

*– ସ୍ୱାତୀ ଜେନା, ବାଲେଶ୍ୱର*




## ବିଶେଷ ଚିଠି

ଶତାୟୁଙ୍କ କଥାକୁ ନେଇ
ଥିଲା ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଲାଗୁଥିଲା ନିଆରା ଯେମିତି
ଦେଉଥିଲା ବାର୍ତ୍ତା ବି ସେମିତି।
ସହସ୍ରଲିଙ୍ଗର ପବିତ୍ରସ୍ଥଳ ପାଠ ବି
ଥିଲା ଭାରି ବଢ଼ିଆ,
ଆହୁରି ସୁନ୍ଦର ଲାଗୁଥିଲା ପୁଣି
ତୁମ ସୃଜନର ଦୁନିଆ।
ସତରେ ହେ ଛୁଟିଦିନ
ତୁମ ସାଥୀ, ସିନେମା ଓ ବିବିଧା ଲାଗେ
ସବୁଠୁ ସୁନ୍ଦର ଆଉ ସବୁଠୁ ନୂତନ।

*–ଗୌରମଣି ମହାନ୍ତି, ବାସେଳି ସାହି, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# ସେଦିନର ହୋଲି ହେଉନାହିଁ ଭୁଲି





**ରଙ୍ଗର ପର୍ବ ହୋଲିର ସ୍ମୃତି ଯେତେ ପୁରୁଣା ହେଲେ ବି ତାହା କେବେ ଫିକା ପଡ଼େନା। ରହି ରହି ମନେ ପଡ଼େ। ଆଉ ଦେହ ମନ ଓଦା ହେଇଯାଏ ତା'ର ସ୍ମୃତିର ରଙ୍ଗରେ...**

**ଖୁ**ସିର ପସରା ନେଇ ଆସେ ହୋଲି। ରଙ୍ଗ ଉଡ଼େ। ଖେଳ ଜମେ । ସେଇ ରଙ୍ଗରେ ରଙ୍ଗୀନ ହୁଏ ଦେହ ଓ ମନ । ଦୂର ହୁଏ ଯେତେସବୁ ରାଗ ଅଭିମାନ । ଯୋଡି ହୁଏ ନୂଆ ସମ୍ପର୍କ । ଗଢିଉଠେ ନୂଆ କାହାଣୀ। ଆଉ ଏଇ କାହାଣୀସବୁ ମନ ଭିତରେ ଘର କରି ରହିଯାଏ ସବୁଦିନ ପାଇଁ। ଯେବେ ଯେବେ ସେଇ ସ୍ମୃତିସବୁ ଉଙ୍କିମାରେ ମନ ପୁଣିଥରେ ଭିଜିଯାଏ ସେଇ ପୁରୁଣା ହୋଲିର ରଙ୍ଗରେ । ଆଉ ହୃଦୟ କହେ ସତରେ ସେଦିନର ହୋଲି କଥା ହିଁ ଥିଲା ନିଆରା।

## ହୋଲିରେ ଶୁଣିଥିଲି ଅଜସ୍ର ଗାଳି– ହାଡ୍ଡୁ, ହାସ୍ୟାଭିନେତା

ଆଗରୁ ହୋଲିରେ ଆମେ ଗାଡିରେ କିଛି ସାଙ୍ଗ ମିଶି ଯା' ଘର ତା' ଘର ବୁଲି ବୁଲି ହୋଲି ଖେଳୁଥିଲୁ। ଯେଉଁମାନେ ଲୁଚୁଥିଲେ କଳେବଳେ କୌଶଳେ ରଙ୍ଗ ଲଗଉଥିଲୁ। ଯାହା ଘରକୁ ଯାଉଥିଲୁ ପିଠା, ମିଠା ଖାଇବାକୁ ମିଳୁଥିଲା। ଖିଆ ପିଆ ରଙ୍ଗବୋଳାରେ ହୋଲି ଜମି ଯାଉଥିଲା। ରଙ୍ଗଭାବରେ ଯାହା ମିଳୁଥିଲା ତାକୁ ବ୍ୟବହାର କରୁଥିଲୁ। ବେଶି ହାଣ୍ଡି କଳା ବ୍ୟବହାର ହେଉଥିଲା। ଯାହା ସହଜରେ ଛାଡୁ ନ ଥିଲା। ପ୍ରାୟ ମାସେ ଲାଗି ଯାଉଥିଲା ଛାଡିବାକୁ। ଆମେ ସବୁ ଏମିତି ଦେଖା ଯାଉଥିଲୁ ଯେ, ଚିହ୍ନିବା ମୁସ୍କିଲ ହେଇ ଯାଉଥିଲା। ହେଲେ ମୋର ଜଣେ ସାଙ୍ଗ ଜମାରୁ ହୋଲି ଖେଳେନି। ସବୁଥର ଘରେ ଲୁଚିକି ରହେ। ଥରେ ହୋଲିରେ ଆମେ ସବୁ ସାଙ୍ଗ ମିଶିକି ଯାଇଥାଉ ତାକୁ ରଙ୍ଗ ମାରିବାକୁ। ହେଲେ ସେ କବାଟ ଖୋଲିଲା ନାହିଁ। ତେଣୁ ମତେ ସାଙ୍ଗମାନେ ଛାତ ଉପରକୁ ଚଢେଇ ଦେଲେ। କହିଲେ ଅଗଣା ପଟେ ଝୁଲିକି ଥାଆ। ସେ ଅଗଣାକୁ ନିଶ୍ଚୟ ଆସିବ। ସେତେବେଳେ ତା' ଉପରେ ରଙ୍ଗ ପକେଇଦେବୁ। କପଡ଼ାରେ ଯେଉଁ ନୀଳ ଦିଆଯାଏ ତାକୁ ମୁଁ ହାତରେ ଧରିକି ଝୁଲି ରହିଥାଏ। ହଠାତ୍ ଖଡଖଡ ଶବ୍ଦ ହେଲା। ଭାବିଲି ସାଙ୍ଗ ଅଗଣାର ବାରଣ୍ଡାରେ ଅଛି। ସେଥିପାଇଁ ଛାଟିଦେଲି ନୀଳତକ। ଆଉ ଛାତରୁ ଦୌଡି ଦୌଡି ତଳକୁ ଡେଇଁଲାବେଳକୁ ଘର କବାଟ ଖୋଲି ତାଙ୍କ ବୋଉ ମତେ ଦେଖିଦେଇ ଆରମ୍ଭ କରିଦେଲେ ଅଜସ୍ର ଗାଳି– ବାଡ଼ିଖିଆ ମରିବୁରେ..ଗାଡି ମାଡିଯିବ ତୋ ଉପରେ। କ'ଣ କଲୁ। ବନ୍ଧାକୋବି ରାନ୍ଧୁଥିଲି, ରଙ୍ଗତକ କଡେଇରେ ପକେଇଦେଲୁ। କିଏ ଖାଇବ ଏବେ ?

ସେଇଠୁ ବୁଝିପାରିଲି ରଙ୍ଗ ମୋ' ସାଙ୍ଗ ଉପରେ ନୁହେଁ ବରଂ ଅଗଣାର ବାରଣ୍ଡାରେ ରୋଷେଇ କରୁଥିବା ତା' ବୋଉ ଓ ସେ ରାନ୍ଧୁଥିବା ବନ୍ଧାକୋବି ତରକାରୀରେ ପଡ଼ି ଯାଇଛି। ଆଗରୁ ମାଉସୀଙ୍କୁ ବାଟରେ ଚାଲି ଚାଲି ଯାଉଥିବା ଦେଖିଲେ ଗାଡିରେ ନେଇ ଛାଡି ଦେଉଥିଲି। ହେଲେ ଏଇ ଘଟଣା ପରେ ତାଙ୍କୁ ଦେଖିଲେ ମୁଁ ଲୁଚିକି ପଳେଇଲି। ଥରେ କିନ୍ତୁ ମାଉସୀଙ୍କ ସହ ମୋର ସାମ୍ନା ସାମ୍ନୀ ଦେଖା ହେଇଗଲା। ମାଉସୀ ଭାରି ମନ ଦୁଃଖରେ କହିଲେ–ହଇରେ ପୁଅ ତତେ ମୁଁ କ'ଣ ଟିକେ କହିଦେଲି ଯେ ମତେ ଦେଖିକି ବି ନ ଦେଖିଲା ଭଳି ପଳଉଛୁ। ମୁଁ ମନ ଦୁଃଖ କରି କହିଲି ତମେ ମତେ ବାଡ଼ିଖିଆ ମରିଯାଆ କହିଲ। ମାଉସୀ ପୁଣି ବୁଝେଇକି କହିଲେ– ମା' କଥା କ'ଣ କିଏ ଧରେ ? ତା'ପରେ ମୁଁ କହିଲି ହଉ ମାଉସୀ ଆସ, ଗାଡିରେ ବସ। ମୁଁ ଛାଡିଦେବି। ଏବେ ମାଉସୀ ଆଉ ନାହାନ୍ତି। ହେଲେ ସେଦିନର ସେଇ କଥା ଏବେ ବି ମୋର ମନେପଡ଼େ।


ଏହବାଦ ହୋଲି ସହ ମୋର ଏକ ଦୁଃଖଦ ଅନୁଭୂତି ବି ଅଛି। ଥରେ ଆମେ ବେଶ୍ ଖୁସିରେ ହୋଲି ଖେଳୁଥାଉ। ହଠାତ୍ ଖବର ଆସିଲା ଆଲବମ୍ ଅଭିନେତା ପପୁ ଆତ୍ମହତ୍ୟା କରିଛି। ତା' ସହିତ ମୋର ବହୁତ ଭଲ ସମ୍ପର୍କ ଥିଲା। ଫଳରେ ସେଦିନର ହୋଲି ଦୁଃଖରେ ପରିଣତ ହେଇ ଯାଇଥିଲା। ଏଇ ଘଟଣାକୁ ମୁଁ ଆଜିଯାଏ ଭୁଲି ପାରିନି।

## ଫୁଲର ହୋଲି ଖେଳେ: *ଶାଶ୍ୱତ ଯୋଶୀ, ଓଡ଼ିଶୀ ନୃତ୍ୟଗୁରୁ*

ହୋଲିକୁ ନେଇ ପିଲାବେଳର ଅନେକ ଅନୁଭୂତି ଅଛି। ମୋ ବାପା ମା' ଶିକ୍ଷକ ଶିକ୍ଷୟିତ୍ରୀ ଥିଲେ। ହୋଲିରେ ଛୁଟି ଥିବାରୁ ଆମେ ପୁରା ପରିବାର ଏକାଠି ହୋଲି ପାଳୁଥିଲୁ। ମା'ଙ୍କୁ ସେଦିନ ସମୟ ମିଳୁଥିଲା ଘରେ ନାନା ପ୍ରକାରର ରୋଷେଇ କରିବା ପାଇଁ। ପିଠା, ମିଠା ସହ ବିଭିନ୍ନ ପ୍ରକାରର ଜଳଖିଆ କରାହେଉଥିଲା। ଆମେ କେମିତି ହୋଲିର ମଜା ଭରପୁର ଉଠେଇ ପାରିବୁ ମା'ବାପା ପୁରା ବନ୍ଦୋବସ୍ତ କରୁଥିଲେ। ଶିକ୍ଷକ ପରିବାର ହୋଇଥିବା ଯୋଗୁ ଆମକୁ ଛୋଟବେଳୁ ଶିଖା ଯାଇଥିଲା ରାସାୟନିକ ରଙ୍ଗରେ ନ ଖେଳି ଫଗୁ, ଅବିରରେ ରଙ୍ଗ ଖେଳିବାକୁ। ତା'ସହ ଜୀବଜନ୍ତୁ ଯେମିତିକି, ଗାଈ, ଷଣ୍ଢ, କୁକୁର, ବିଲେଇଙ୍କୁ ଯେମିତି ରଙ୍ଗ ଲଗାଇ ହଇରାଣ ନ କରୁ ତାହା ବି କୁହାଯାଉଥିଲା। ତା'ପରେ ଧୀରେ ଧୀରେ ବଡ଼ ହେଲି। ଯୁବାବସ୍ଥାରେ ହୋଲିର ଭାବ ଓ ମହତ୍ତ୍ୱକୁ ମୁଁ ନାଚ ମାଧ୍ୟମରେ ଅନୁଭବ କଲି। ଶ୍ରୀକୃଷ୍ଣ କିଭଳି ଶ୍ରୀରାଧା ଓ ଗୋପୀଙ୍କ












ହାସ୍ୟାଭିନେତା ହାଡୁ



ଶାଶ୍ୱତ ଯୋଶୀ



ଡା. ରାଜେନ୍ଦ୍ର କୁମାର ବେହେରା



କାନନ ବାଳା ନାୟକ

ସହ ହୋଲି  ଖଳୁଥିଲେ ତାକୁ ମୁଁ ନୃତ୍ୟ ମାଧ୍ୟମରେ ଅଙ୍ଗେ ନିଭେଇଲି । ଏମିତିରେ ସୌଭାଗ୍ୟକୁ ଥରେ ବୃନ୍ଦାବନ ଯିବାର ସୁଯୋଗ ପାଇଲି । ସେଠାକାର ଚନ୍ଦନ, ଅଗୁର, ଅବିର ଆଦିରେ ହେଉଥିବା ଅପୂର୍ବ ହୋଲି ଉତ୍ସବ ଦେଖିବାର ସୌଭାଗ୍ୟ ପାଇଲି । ତେବେ ସେଠାକାର ମୁଖ୍ୟ ଆକର୍ଷଣ ହେଉଛି ବାଙ୍କେ ବିହାରୀ ମନ୍ଦିରରେ ରାଧାକୃଷ୍ଣଙ୍କ ସହ ଖେଳା ଯାଉଥିବା 'ଫୁଲର ହୋଲି' । ତାକୁ ଦେଖି ସେତେବେଳେ ମୋ ମନରେ ଅଦ୍ଭୁତ ପୁଲକ ଭରି ଯାଇଥିଲା । ଫୁଲରେ ଯେ, ହୋଲି ଖେଳାଯାଏ ତାହା ମୁଁ ଜାଣି ନ ଥିଲି । ସେ ଦୃଶ୍ୟ ଏତେ ମନମୋହକ ଥିଲା ଯେ, ତାହା ମୋ ମନରେ ଘର କରି ରହିଗଲା । ସେବେଠାରୁ ଆଜିଯାଏ ମୁଁ ଫୁଲର ହୋଲି ହିଁ ଖେଳି ଆସୁଛି । ତା'ସହ ପ୍ରତିବର୍ଷ ହୋଲିରେ ସାଙ୍ଗସାଥୀ ବନ୍ଧୁ ବାନ୍ଧବଙ୍କୁ ଘରକୁ ଡାକେ । ରଙ୍ଗଖେଳ ସହ ଖିଆପିଆ ହୁଏ । ତେବେ ଏବର୍ଷର ହୋଲି ମୋ ପାଇଁ କିଛି ଅଧିକ ଖାସ୍ ହେବାକୁ ଯାଉଛି । କାରଣ ଏଥର ମୁଁ ନାଚ ଶିଖାଉଥିବା କିଛି ଦିବ୍ୟାଙ୍ଗ ପିଲାଙ୍କ ସହ ହୋଲି ପାଳିବି । ଏହି ପିଲାମାନେ ମୋ ଜୀବନ । ସେମାନଙ୍କ ରଙ୍ଗହୀନ ଜୀବନରେ ରଙ୍ଗ ଭରିବା ପାଇଁ ତାଙ୍କ ସହ ମୁଁ ରଙ୍ଗିନ ଫୁଲର ହୋଲି ଖେଳିବି ।

**ଦୁଇଦିନ ପାଳନ ହେଉଥିଲା ହୋଲି**– ***କାନନ ବାଳା ନାୟକ,*** *ଅତିରିକ୍ତ ବାଣିଜ୍ୟ କର ଆୟୁକ୍ତ (ଅପିଲ)ଦ୍ରବ୍ୟ ଓ ସେବା କର*

ହୋଲି ପାଖେଇ ଆସିବା ମାତ୍ରେ ପିଲାଦିନର ହୋଲି ସ୍ମୃତି ଆଖି ଆଗରେ ନାଚିଯାଏ । ସେ ସମୟରେ ଦୁଇଦିନ ଧରି ହୋଲି ପାଳନ ହେଉଥିଲା । ପ୍ରଥମ ଦିନ ଶୁଖିଲା ହୋଲି, ଯାହା ଅବିର ବା ଫଗୁ ଲଗାଇ ଖେଳାଯାଉଥିଲା ଓ ଦ୍ୱିତୀୟ ଦିନ ପାଣିଆ ହୋଲି ଯାହା ପାଣିରେ ରଙ୍ଗ ମିଶାଇ ଖେଳାଯାଉଥିଲା । ସେଥିପାଇଁ ହୋଲି ଆସିବାର ସାତ ଆଠଦିନ ପୂର୍ବରୁ ଗାଁ ସାରା ଲୋକ ମିଶି ପ୍ରସ୍ତୁତି ଆରମ୍ଭ କରି ଦେଉଥିଲେ । ଗାଁ ମଝିରେ ଥିବା ଶିବ ମନ୍ଦିର ଆଗରେ ଦୋଳ ବେଦୀ ତିଆରି ହେଉଥିଲା । କୀର୍ତ୍ତନିଆ ଦଳ କେଉଁ ପ୍ରକାର ଭଜନ କୀର୍ତ୍ତନ କରିବେ ସେଥିପାଇଁ ଅଭ୍ୟାସ ଆରମ୍ଭ କରିଦେଉ ଥିଲେ । କେବେକେବେ ଗାଁ ଲୋକମାନେ ନିଜେ ଅଭିନୟ କରି ଯାତ୍ରା ମଧ୍ୟ ପରିବେଷଣ କରୁଥିଲେ । ଆମ ଗାଁ ପାଖ କ୍ଷେତରେ ଅନେକ ପଳାଶ ଗଛ ଥିଲା । ହୋଲି ପୂର୍ବ ଦିନ ଗାଁ ପିଲା ମିଶି ପଳାଶ ଗଛରୁ ପଳାଶ ଫୁଲ ଡାଳ ସହ ଭାଙ୍ଗି ଆଣୁଥିଲୁ । ତାକୁ ଘର ସାମ୍ନାରେ ତୋରଣ କରି ଟାଙ୍ଗୁଥିଲୁ ।

ହୋଲିର ପ୍ରଥମ ଦିନ ବଡି ଭୋରରୁ ଉଠି ଗାଁ ସାରା ଲୋକ ଦୋଳ ବେଦୀ ନିକଟରେ ଏକତ୍ରିତ ହେଉଥିଲେ । ସେଇଠୁ ଆରମ୍ଭ ହେଉଥିଲା ଫଗୁ ଖେଳ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପରସ୍ପର ପରସ୍ପରକୁ ରଙ୍ଗ ବୋଳୁଥିଲୁ । ତା'ପରେ କୀର୍ତ୍ତନିଆ ଦଳ ରାଧାକୃଷ୍ଣଙ୍କୁ ବିମାନରେ ବସାଇ ଆଣନ୍ତି । ଆଗରୁ ହୋଲି ଦୁଇ ଦିନକୁ ଛାଡି ଦେଲେ ରାଧାକୃଷ୍ଣ ବର୍ଷର ଅନ୍ୟ ସବୁଦିନ ଗାଁ ବ୍ରାହ୍ମଣ ଘରେ ପୂଜା ପାଉଥିଲେ । ତେଣୁ ଗାଁ ଲୋକେ ନିଜର ଭକ୍ତିର ନିଦର୍ଶନ ସ୍ୱରୂପ ତାଙ୍କୁ ବିମାନରେ ବସାଇ ନିଜ ନିଜ ଘରକୁ ପାଛୋଟି ଆଣି ଭୋଗ ଖାଇବାକୁ ଦିଅନ୍ତି  । କୀର୍ତ୍ତନିଆ ଦଳଙ୍କ  ପଛେ ପଛେ ଆମେ ପିଲାମାନେ ଭଜନ ଗାଇ ଗାଇ ଯାଉଥିଲୁ । ଗାଁ ଲୋକମାନେ ନାନା ପ୍ରକାର ଫଳ ଓ ମିଠା ଭୋଗ ଲଗାଉଥିଲେ । ଦିଅଁଙ୍କ ସହ ଯାଇଥିବା ଆମ ସମସ୍ତଙ୍କୁ  ଭୋଗ ଖାଇବାକୁ ମିଳୁଥିଲା । ଗାଁର ସବୁ ଘର ବୁଲି ଦିଅଁଙ୍କୁ ବେଦୀ ପର୍ଯ୍ୟନ୍ତ ପହଞ୍ଚିବା ବେଳକୁ ସନ୍ଧ୍ୟା ହେଇ ଯାଉଥିଲା । ସନ୍ଧ୍ୟାବେଳେ ଆଳତୀ ଓ ଭଜନ କୀର୍ତ୍ତନ କରି ଦିଅଁଙ୍କୁ ଦୋଳବେଦୀରେ ଥିବା ତାଙ୍କ ଆସ୍ଥାନ ଉପରେ ବସା ଯାଉଥିଲା । ଗାଁର ମୁରବୀ ମାନେ ରାତି ସାରା ସେଇ ବେଦୀ ନିକଟରେ ଉପସ୍ଥିତ ରହୁଥିଲେ ।

ଦ୍ୱିତୀୟ ଦିନ ସକାଳ ହେବା ମାତ୍ରେ ସମସ୍ତେ ମିଶି ରଙ୍ଗ ପ୍ରସ୍ତୁତିରେ ଲାଗି ଯାଉଥିଲେ । ବିଭିନ୍ନ ପ୍ରକାର ରଙ୍ଗୀନ ଫୁଲ ଓ ପତ୍ର ମିଶାଇ ପ୍ରାକୃତିକ ରଙ୍ଗ ତିଆରି ହେଉଥିଲା । ବଜାରରୁ ମୁଣ୍ଡରେ ଲଗାଇବା ପାଇଁ ମୁଣ୍ଡ ଫଟା ରଙ୍ଗ ସହ ମୟୁରଭଞ୍ଜରେ ମିଳୁଥିବା ସ୍ୱତନ୍ତ୍ର  ବୋବେଇ (ମୟୁରଭଞ୍ଜରେ ସବାଇ ଘାସକୁ ବୋବେଇ କହନ୍ତି) ରଙ୍ଗ କିଣାହୋଇ ଆସୁଥିଲା । ରଙ୍ଗଖେଳ ପ୍ରାୟ ଦୁଇଟା ପର୍ଯ୍ୟନ୍ତ ଚାଲୁଥିଲା । ତା'ପରେ ଆରମ୍ଭ ହେଉଥିଲା ରଙ୍ଗ ଛଡାଇବା କାମ । ସେଥିପାଇଁ ସମସ୍ତେ ଗାଁ ପୋଖରୀକୁ ଯାଆନ୍ତି । ଗାଧୋଇସାରି ସମସ୍ତେ ପୁଣିଥରେ ଏକତ୍ର ହୁଅନ୍ତି ଦୋଳବେଦୀ ନିକଟରେ । ସେଠାରେ ଗାଁର ସମସ୍ତ ବ୍ୟକ୍ତିଙ୍କ ପାଇଁ ଶୁଦ୍ଧ ଶାକାହାରୀ ଭୋଜନର ଆୟୋଜନ କରାଯାଇଥାଏ । ତା'ପରେ ସନ୍ଧ୍ୟା ଆଳତୀ ପରେ ଦିଅଁଙ୍କୁ ବ୍ରାହ୍ମଣଙ୍କ ଘରକୁ ଛାଡିବାକୁ ନିଆଯାଏ । ପୁଣି ତା'ପର ବର୍ଷର ଦୋଳବେଦୀକୁ ଫେରିବାର ଅପେକ୍ଷା ନେଇ ।

**ମୋ ପିଲାବେଳ ହୋଲି ଖେଳ**– ***ରାଜେନ୍ଦ୍ର କୁମାର ବେହେରା, ଚକ୍ଷୁ ଚିକିତ୍ସକ***

ଗଞ୍ଜାମ ଜିଲ୍ଲାର ଲଙ୍ଗଳେଶ୍ୱର ହେଉଛି ଆମ ଗାଁ । ଏବେ ବି ମୋର ମନେ ଅଛି ଗାଁର ସବୁ ଟୋକା ମିଶି ସାତସାହି ବୁଲି ହୋଲି ଖେଳନ୍ତି । ହେଲେ ମୁଁ ଓ ଆମ ସାହି ପିଲା ରହିଯାଉଥିଲୁ ଆମ ସାହି ଭିତରେ । ଆମେ ବୋଉ ଓ ନାନୀର ଅଳତା ପୁଡ଼ିଆ ଖୋଜି ବାଲ୍ଟିଏ ପାଣିରେ ଗୋଳେଇ ଠିଆ ହେଇଯାଉଥିଲୁ ଘର ଦୂଆରେ । ହାତରେ ବାଉଁଶ ନଳୀର ପିଚକାରି । ତା'ସହ ରସ ତାଟିଆରେ ରଖୁଥିଲୁ ହାଣ୍ଡି କଳା–ଜଡ଼ା ତେଲର ମିଶ୍ରଣ ଓ ଗୋଟେ ତାଟିଆରେ ସିନ୍ଦୁର । ଯେଉଁମାନେ ଗାଁ ଦାଣ୍ଡ ଦେଇ ଯିବା ଆସିବା କରନ୍ତି ତାଙ୍କ ଉପରକୁ ଅଳତା ପାଣି ପିଚକାରି ମରାଯାଏ । ବିଶେଷକରି ବୁଢିମାନେ ଝାମ୍ପୁରା ମୁଣ୍ଡରେ ଧୀରେ ଧୀରେ ଗାଁ ଦାଣ୍ଡରେ ଗଲାବେଳେ ତାଙ୍କ ଉପରକୁ ରଙ୍ଗପାଣି ପକାଉଥିଲୁ । ସେମାନେ ରହିଜଳା, ବାଡ଼ିପଡା ଭଳି ନାନା ଗାଳି କରୁଥିଲେ । ତଥାପି ହସି ହସି ରଙ୍ଗ ଢାଳୁଥିଲୁ । ସାଙ୍ଗମାନଙ୍କ ଗାଲ ଓ ବେକରେ ଜଡ଼ା ତେଲ ମିଶା ହାଣ୍ଡିକଳାକୁ ଲଗାଉଥିଲୁ । ତେବେ ଗାଁ ଝିଅମାନଙ୍କୁ ଲୁଚିଲୁଚି ଆସି ମୁହଁରେ ଓ ମୁଣ୍ଡରେ ସିନ୍ଦୁର ବୋଳିବାର ଥିଲା ଅଲଗା ମଜା । ଏମିତି ସକାଳ ସାତଟାରୁ ଦିନ ୨ଟା ଯାଏ ହୋଲି ଖେଳ ଚାଲେ । ଏହାପରେ ବିଲ ମଝିରେ ଥିବା ପୋଖରୀକୁ ଗାଧୋଇବାକୁ ଯାଉଥିଲୁ । ପରସ୍ପରକୁ ସାବୁନ ମାରି ଭଲରେ ଘଷିଘଷି ଗାଧୋଉଥିଲୁ । ହେଲେ ରଙ୍ଗକୋଉ ଭଲରେ ଛାଡୁଥିଲା । ଅନେକଦିନ ଯାଏ ରହୁଥିଲା । ସେଇ ହୋଲିର ମଜା ଏବେ ଅଭୁଲା ସ୍ମୃତି ହୋଇ ରହିଛି । ଯେତେବେଳେ ପୁରୁଣା ସାଙ୍ଗ ଭେଟ ହୋଇଯାଉ ସେଇ ମଧୁର ସ୍ମୃତି ପୁଣି ମନେପଡ଼ିଯାଏ ।

ହୋଲି ଏମିତି ଏକ ପର୍ବ ଯାହା ଖାଲି ଦେହକୁ ରଙ୍ଗିନ କରେନା, ମନ ବି ହେଇଯାଏ ରଙ୍ଗିନ ।  ଆଉ ସେ ରଙ୍ଗ ଏତେ ଗାଢ ଯେ, ତା'ର ସ୍ମୃତି ଯେତେ ପୁରୁଣା ହେଲେ ବି ଫିକା ପଡ଼େନା । ରହି ରହି ମନେପଡିଯାଏ ବାରମ୍ବାର ।

**–ଶିବାନୀ ମହାନ୍ତି**



# ପ୍ରାକୃତିକ ରଙ୍ଗରେ ହୋଲି





ଫଗୁଣରେ ଫଗୁର ପସରା ଧରି ଆସେ ରଙ୍ଗର ପର୍ବ ହୋଲି। ଏହି ଖୁସିର ପର୍ବ ବିପଜ୍ଜନକ ରାସାୟନିକ ରଙ୍ଗର ପାର୍ଶ୍ୱ ପ୍ରତିକ୍ରିୟା ଯୋଗୁ ଅନେକ ସମୟରେ ଯନ୍ତ୍ରଣାଦାୟକ ହୋଇଥାଏ। ଯେଉଁଥିପାଇଁ ଆଜିକାଲି ଅଧିକାଂଶ ପ୍ରାକୃତିକ ରଙ୍ଗ ବ୍ୟବହାର ଉପରେ ଗୁରୁତ୍ୱ ଦେଉଛନ୍ତି। ତେବେ ଏହି ପ୍ରାକୃତିକ ରଙ୍ଗର ବ୍ୟବହାର ଆଜି ନୁହେଁ, ବହୁ ପୂର୍ବରୁ ରହି ଆସିଛି। ବିଶେଷକରି ଆଦିବାସୀ ଲୋକମାନେ ଏହି ପଦ୍ଧତିକୁ ଆପଣେଇଥାନ୍ତି। ତେଣୁ ଆମେ ବି ସେହି ପଦ୍ଧତିକୁ ଆପଣେଇ ରଙ୍ଗ ଖେଳର ମଜା ନେବା ସହ ନିଜ ଶରୀରକୁ ସୁସ୍ଥ ରଖିପାରିବା। ଏଥିପାଇଁ ଆମେ ରଙ୍ଗର ପ୍ରସ୍ତୁତି ଜାଣିନେବା ନିହାତି ଦରକାର...

✲ ଦକ୍ଷିଣ ଭାରତରେ ଆଦିବାସୀମାନେ ରକ୍ତ ଚନ୍ଦନ ବ୍ୟବହାର କରି ଲାଲରଙ୍ଗ ପ୍ରସ୍ତୁତ କରିଥାନ୍ତି। ଲାଲ ଚନ୍ଦନ ପାଉଡରକୁ ମହିଳାମାନେ ପ୍ରାୟତଃ ଫେସ୍ ପ୍ୟାକ ଇତ୍ୟାଦି ପ୍ରସ୍ତୁତ କରିବା ପାଇଁ ବ୍ୟବହାର କରନ୍ତି, କିନ୍ତୁ ପାରମ୍ପରିକ ଭାବରେ ଏହା ଆଦିବାସୀମାନଙ୍କ ମଧ୍ୟରେ ଫଗୁ ଭଳି ବ୍ୟବହୃତ ହୁଏ। ଏହା ତ୍ୱଚା ଜନିତ ସଂକ୍ରମଣକୁ ଦୂର କରିବାରେ ସାହାଯ୍ୟ କରିଥାଏ।

✲ ମଧ୍ୟପ୍ରଦେଶର ପାଟଲକୋଟରେ ଆଦିବାସୀମାନେ ଲାଲ୍ ମନ୍ଦାର ଫୁଲକୁ ଛାଇରେ ଶୁଖାଇ ଗୁଣ୍ଡ କରି ଶୁଖିଲା ଲାଲ୍ ପାଉଡର ପ୍ରସ୍ତୁତ କରିଥାନ୍ତି। ଏହି ଲାଲ ରଙ୍ଗ କେଶ ପାଇଁ ଏକ ଶକ୍ତିଶାଳୀ କଣ୍ଡିସନର୍ ଭଳି କାମ କରିବା ସହିତ ମନ୍ଦାର ଫୁଲ କେଶକୁ ଅକାଳ ପାଚିବାରୁ ରୋକିବାରେ ସହାୟକ ହୋଇଥାଏ। ମନ୍ଦାରଫୁଲ ବ୍ୟତୀତ କୁଙ୍କୁମ ମଞ୍ଜିରୁ ଶୁଖିଲା ଲାଲ ରଙ୍ଗ ମଧ୍ୟ ପ୍ରସ୍ତୁତ କରାଯାଇପାରିବ। ଏହାବାଦ୍ ତରଳ ଲାଲ ରଙ୍ଗ ପ୍ରସ୍ତୁତି ପାଇଁ ୧୦ ଲିଟର ପାଣିରେ ୫୦ ଗ୍ରାମ ଲାଲ ଚନ୍ଦନକୁ ପକାଇ ୨୦ ମିନିଟ ଫୁଟାଇବା ପରେ ଏଥିରେ ପ୍ରାୟ ୧୦୦ ଗ୍ରାମ ଲାଲ ଡାଳିମ୍ବ ଚୋପା ମିଶାଇ ପୁଣି ଦଶ ମିନିଟ ଫୁଟାଇବେ। ସେହିପରି ଆଉ ଏକ ପାରମ୍ପରିକ ଉପାୟ ହେଉଛି,ଏକ ଲିଟର ପାଣିରେ ୨ ଚାମଚ ହଳଦୀ ଗୁଣ୍ଡ, ପାନ ପତ୍ର ସହ ଅଧା ଚାମଚ ଚୂନ ମିଶାଇ ଫୁଟାଇଲେ ପାଣିର ରଙ୍ଗ ଗାଢ ଲାଲ ହୋଇଯିବ।

✲ ଶୁଖିଲା ସବୁଜ ରଙ୍ଗ ପ୍ରସ୍ତୁତି ପାଇଁ ମେହେନ୍ଦିର ଶୁଖିଲା ପାଉଡରରେ ଯେକୌଣସି ଅଟାକୁ ସମାନ ମାତ୍ରାରେ ମିଶାଇପାରିବେ। ଶୁଖିଲା ମେହେନ୍ଦିର ରଙ୍ଗ ଛାଡେ ନାହିଁ କିନ୍ତୁ ଏହାର ଅସ୍ଥାୟୀ ସବୁଜ ରଙ୍ଗକୁ ସହଜରେ ଧୋଇ ସଫା କରିପାରିବେ। ଧ୍ୟାନଦେବେ ମେହେନ୍ଦିକୁ ପାଣିରେ ପକାଇବେ ନାହିଁ, ନଚେତ ଏହା କିଛି ସମୟ ପାଇଁ ଶରୀରରେ ଏହାର ରଙ୍ଗ ଛାଡିପାରେ। ପାଟଲକୋଟରେ କୃଷ୍ଣଚୂଡ଼ାର ସବୁଜ ପତ୍ର, ଗହମ ପତ୍ର କିମ୍ବା ତୁଳସୀ ପତ୍ରକୁ ଶୁଖାଇ ଗୁଣ୍ଡ କରି ଶୁଖିଲା ସବୁଜ ରଙ୍ଗ ପ୍ରସ୍ତୁତ କରାଯାଏ। ସେହିପରି ଏକ ଲିଟର ପାଣିରେ ୧ ଚାମଚ ମେହେନ୍ଦି, ପାଳଙ୍ଗ, ଧନିଆ, ପୁଦିନା ଓ ତୁଳସୀ ପତ୍ରର ରସ ମିଶାଇ ତରଳ ସବୁଜ ରଙ୍ଗ ପ୍ରସ୍ତୁତ କରିହେବ।

✲ ବିଟ୍ ରୁଟକୁ ଛୋଟ କରି ଏକ ଲିଟର ପାଣିରେ ପକାଇ ରାତିସାରା ରଖିଲେ ସକାଳେ ଗୋଲାପୀ ରଙ୍ଗ ପ୍ରସ୍ତୁତ ହୋଇଯିବ।

✲ କମଳା ରଙ୍ଗ ପାଇଁ ପଳାଶ ଫୁଲକୁ ଦୁଇ ଦିନ ପାଣିରେ ବୁଡ଼ାଇ ପରେ ତାକୁ ଛାଣି ବ୍ୟବହାର କରାଯାଏ। ମଧ୍ୟପ୍ରଦେଶର କିଛି ସ୍ଥାନରେ ଏହି ଫୁଲକୁ ପାଣିରେ ଫୁଟାଇ ଛାଣି ମଧ୍ୟ ବ୍ୟବହାର କରାଯାଇଥାଏ। ଗୁଜରାଟର ଡାଙ୍ଗ ଜିଲାର ଆଦିବାସୀମାନେ ଗଙ୍ଗଶିଉଳି ଫୁଲକୁ ଫୁଟାଇ କମଳା ରଙ୍ଗ ତିଆରି କରିଥାନ୍ତି।

✲ ୨ ଚାମଚ ହଳଦୀ, ୨ ଚାମଚ ବେସନକୁ ମିଶାଇ ଶୁଖିଲା ହଳଦିଆ ରଙ୍ଗ ପ୍ରସ୍ତୁତ କରିହେବ। ଏହି ରଙ୍ଗରେ ହୋଲି ଖେଳିଲେ ତ୍ୱଚା ଉଜ୍ଜ୍ୱଳ ଦେଖାଯାଏ। ସେହିପରି ଗେଣ୍ଡୁ ଫୁଲ, ହଳଦିଆ ସେବତୀ ଫୁଲକୁ ଛାଇରେ ଶୁଖାଇ ପାଉଡର ପ୍ରସ୍ତୁତ କରିବେ, ଆଉ ସେଥିରେ ଦୁଇଗୁଣ ପରିମାଣର ବେସନ ମିଶାଇ ହଳଦିଆ ରଙ୍ଗ ପ୍ରସ୍ତୁତ କରିପାରିବେ। ତରଳ ହଳଦିଆ ରଙ୍ଗ ପାଇଁ ଏକ ଲିଟର ପାଣିରେ ୪ ଚାମଚ ହଳଦୀଗୁଣ୍ଡ ମିଶାଇ ଫୁଟାଇବେ। ପରେ ସେଥିରେ କିଛି ହଳଦିଆ ଗେଣ୍ଡୁ ଫୁଲ ପକାଇ ରାତିସାରା ରଖିବେ। ସକାଳେ ଏହା ହଳଦିଆ ରଙ୍ଗ ହୋଇଯିବ।

✲କଳା ରଙ୍ଗ ପାଇଁ ଅଁଳାକୁ ଲୁହା ପାତ୍ରରେ ଫୁଟାଇ ରାତିସାରା ସେମିତି ଛାଡ଼ିଦିଅନ୍ତୁ। ସକାଳେ ଏହି ପାଣି କଳା ରଙ୍ଗ ହୋଇଯିବ।

ବୈଦିକ କାଳରୁ ହୋଲିରେ ପ୍ରାକୃତିକ ରଙ୍ଗର ବ୍ୟବହାର ଚାଲିଆସୁଛି। ଏହା ପଛର କାରଣ ଏହା ହୋଇପାରେ, ଶୀତ ସରିବା ସହ ହଠାତ୍ ଗ୍ରୀଷ୍ମର ଆରମ୍ଭ ହେବା ଯୋଗୁ ବିଭିନ୍ନ ସଂକ୍ରମଣ ଦେଖା ଦେଇଥାଏ। ଏହି ସମୟରେ ତୁଳସୀ, ହଳଦୀ, ବେସନ, ଚନ୍ଦନ, ପଳାଶ ଓ ଅଁଳା ଭଳି ଗଛର ଅଂଶକୁ ରଙ୍ଗ ଭାବେ ବ୍ୟବହାର କରାଗଲେ ଏହା ସଂକ୍ରମଣକୁ ରୋକିବା ସହ ସ୍ୱାସ୍ଥ୍ୟପ୍ରଦ ହୋଇଥାଏ।

*–ପ୍ରଣତି ଆଚାର୍ଯ୍ୟ ମିଶ୍ର, ନୟାଗଡ଼*
*ମୋ:୯୪୩୭୬୪୨୯୪୭*







# ମୋ ଭିତର ପ୍ରେମକୁ ଖୋଜିବାରେ କବିତା ବାଟ କଢ଼ାଏ










**ସ୍କୁ**ଲ ବୟସରେ ସେ ସାଙ୍ଗମାନଙ୍କ ସହିତ ମିଶି ନାଟକରେ ଅଭିନୟ କରୁଥିଲେ। କଲେଜ ବେଳକୁ ଗଦ୍ୟଛାନ୍ଦରେ କବିତା ଲେଖିଲେ। ଏ ଭିତରେ ନାଟକ,ଗଳ୍ପ,ଗୀତ ଓ କବିତା ରଚନାରେ ପ୍ରାୟ ୪ଦଶନ୍ଧି ବିତେଇସାରିଲେଣି। ସେ ଏକାଧାରରେ ଜଣେ କବି, ଗାଳ୍ପିକ, ନାଟ୍ୟକାର ଓ ଶିକ୍ଷାବିତ୍। ଅଧ୍ୟାପନାକୁ ବୃତ୍ତି ଭାବେ ଗ୍ରହଣ କରିଥିବାବେଳେ ନିଶା ତାଙ୍କର ସାହିତ୍ୟ ସାଧନା। ସେ ହେଲେ **ପ୍ରସନ୍ନ କୁମାର ସ୍ୱାଇଁ**। ଜନ୍ମ ୨୬.୧୦.୧୯୬୮ ମସିହାରେ। ମାତା ସୁନ୍ଦରୀ ଦେବୀ, ପିତା ଧର୍ମାନନ୍ଦ ସ୍ୱାଇଁ। ଘର ଜଗତ୍‌ସିଂହପୁର ଜିଲାର ନାଉଗାଁ ବ୍ଲକ ଅଧୀନ ସାରେଇକୁଳ ଗାଁରେ। ସେ କୁହନ୍ତି, ମୋ ବାପା ଭଜନ ଲେଖୁଥିଲେ, ଗୀତ ବୋଲୁଥିଲେ, ରାହାସ ଗାଉଥିଲେ। ଚଢ଼େଇ ଚଢ଼େୟା ନୃତ୍ୟ କରୁଥିଲେ ପୁଣି ସଂକୀର୍ତ୍ତନ ବି କରୁଥିଲେ। ତେଣୁ ସାରା ଗାଁରେ ସେ ଖୁବ୍ ଲୋକପ୍ରିୟ ଥିଲେ। ପିଲାଟି ଦିନରୁ ତାଙ୍କର ପ୍ରଭାବ ମୋ ଉପରେ ପଡ଼ିଥିଲା। ସେ ଥିଲେ ମୋ କାବ୍ୟ ଜୀବନର ଆଦ୍ୟଗୁରୁ। ଗାଁ ଚାଟଶାଳୀରେ ମୋର ପ୍ରଥମ ପାଠପଢ଼ା ଆରମ୍ଭ ହୁଏ। ପରେ ଶିଖରଘାଟ ୟୁପି ସ୍କୁଲରେ ୫ମ ଯାଏ ପଢିଥିଲି। ତା'ପରେ ଅଙ୍ଗେଶ୍ୱରପଡ଼ା ମଧ୍ୟ ଇଂରାଜୀ ସ୍କୁଲରେ ୬/୭ମରେ ପଢିଲାବେଳେ ଗୀତ ଲେଖିବାକୁ ମନ ବଳାଇଥିଲି। ଅଙ୍ଗେଶ୍ୱର ଉଚ୍ଚବିଦ୍ୟାଳୟରେ ପଢ଼ା ସମୟରେ ସାଙ୍ଗମାନେ ମିଶି କ୍ଷୁଦ୍ର ନାଟକ ପରିବେଷଣ କରିଥିଲୁ। ରେଭେନ୍‌ସା କଲେଜରେ ଯୁକ୍ତ ୩ ପଢୁଥିବାବେଳେ ସାହିତ୍ୟ ପ୍ରତି ଆଗ୍ରହ ବଢିଲା। ସେ ସମୟରୁ ଗଦ୍ୟଛାନ୍ଦରେ କବିତା ଲେଖିବା ଆରମ୍ଭ କରିଥିଲି। ମୋ ଗାଁର ସୁନ୍ଦର ପ୍ରାକୃତିକ ପରିବେଶ ମୋତେ ଲେଖିବାର ପ୍ରେରଣା ଦେଲା। ଦେବୀ ନଈ, କଇଁ ପୋଖରୀ, ଧାନ ପାଟ, ମୋ ବୋଉର ଓଷା ବ୍ରତ,ବନ୍ୟାର ବିଭୀଷିକା, ଦାରିଦ୍ର୍ୟ ଏବଂ ଜାତି ପ୍ରଥା ବିରୋଧ ଆଦି ବିଭିନ୍ନ ବିଷୟରେ ଅନେକ ଗୀତ ଓ କଥା ଲେଖିଚାଲିଛି।


ଆମ ଘର ପାଖରେ ମହିମା ମଠ। ଏଠାରେ ଅଲେଖ ଭଜନ, ଭାଗବତ ସପ୍ତାହ, ରାମଲୀଳା ଶୁଣେ, ଏସବୁ ମୋ କବିତା ପଛର ପ୍ରେରଣା। ଏହା ଭିତରେ ମୋର 'ଓଠ', 'ନିଜ ସହ ପାନିପଥ', 'ପୁରୁଷତ୍ୱର ପୁଣ୍ୟ ପରିଭାଷା', 'ପୁରୁଷ: ଈଶ୍ୱର', 'ପ୍ରଣାମ କବି ପ୍ରଣାମ', 'ମାଟିଝିଅ' ଆଦି ପ୍ରକାଶିତ ହୋଇସାରିଛି। ମୁଁ ରଚନା କରିଥିବା କବିତାରେ ଅନ୍ତଃଛନ୍ଦ, ଗ୍ରାମ୍ୟଶବ୍ଦ ତଥା ମାଟି ଓ ମାତୃଭୂମିର ସଂକଳ୍ପ ଥାଏ। ଥାଏ ସତତ ପରିବର୍ତ୍ତନଶୀଳ ସମୟର ସ୍ପଷ୍ଟ ସ୍ୱାକ୍ଷର ; ଯାହା ନକ୍ସଲବାଦ, ଆତଙ୍କବାଦ, ଆଞ୍ଚଳିକତାବାଦ ବିପକ୍ଷରେ ଠିଆ ହୋଇଥାଏ। ମୋ ଲେଖାର ଅନ୍ତସ୍ୱର ହେଉଛି 'ପୁଣ୍ୟଶ୍ଳୋକ ମଣିଷର ବନ୍ଦନା କରେ'।


ତେବେ କବିତାର ପ୍ରତିଟି ଧାଡ଼ିରେ ବାସ୍ତବ ଜୀବନର ଛବିକୁ ସର୍ଜନା କରେ। ସେତିକି ଚିତ୍ରରେ ପ୍ରୟାସ କରେ କଳାତ୍ମକ କରିବାକୁ। ଆଘାତ କି ଅଭିମାନ ନୁହେଁ, ସୂକ୍ଷ୍ମଅନ୍ତର୍ଦୃଷ୍ଟି ମୋତେ କବିତା ଲେଖିବାକୁ ପ୍ରବର୍ତ୍ତାଇଥାଏ। ଜୀବନକୁ ଓ ଜଗତକୁ ମୋ ଭିତରେ ପୂର୍ଣ୍ଣ କରି ତା' ଭିତରୁ ପ୍ରେମକୁ ଖୋଜିବାରେ କବିତା ବାଟ କଢେଇ ନେଇଥାଏ । ଅନ୍ୟପକ୍ଷେ ଚାରିପାଖରେ ଘଟୁଥିବା ବିଭିନ୍ନ ଘଟଣାର କିଛି କୁହା ଅକୁହା ଭାବକୁ ନେଇ କବିତା ଲେଖିବାରେ ଅନ୍ୟମନସ୍କ ହୋଇପଡ଼ିଥାଏ। ଏଥିରେ ମାଟି ଓ ମଣିଷପଣିଆର ମହକ ବେଶ୍ ବାରି ହୋଇପଡୁଥାଏ। ତେବେ ଲେଖିଥିବା କବିତା ଯେତିକି ସତ୍ୟକୁ ସମ୍ମାନ ଦିଏ, ତାଠୁ ବେଶି ସମ୍ମାନ ଦିଏ ସମ୍ଭାବନାକୁ।

ମୋର ପ୍ରକାଶିତ ହୋଇଥିବା ଶିଶୁ ନାଟକ ମଧ୍ୟରେ 'ଭୋଟ ନିଆଁ', 'ସେ ଏକ ନିଆରା ଝିଅ', 'ରଣ', 'ଛାଇ', 'ମୋ ବାପା ଜଣେ ମହାପୁରୁଷ', 'ଠାକୁରାଣୀ ନିରୁଦ୍ଦିଷ୍ଟ', 'ସକାଳ ଆସୁଛି', 'ଅସ୍ତଗାମୀ ଅହଂକାର', 'ନୋ ଟେନ୍‌ସନ', 'ପ୍ରିୟତମ ଶତ୍ରୁ' ଏବଂ ଏକାଙ୍କିକା ମଧ୍ୟରେ 'ଦର୍ପଣ', 'ପଟେ ପାଉଁଜି', 'ସୂର୍ଯ୍ୟୋଦୟ', 'ବୁଢୀମା' ଥିଲା ବୋଲି', 'ଏ ଖଣ୍ଡା ବୈରାଗୀର' ଆଦି ରହିଛି। ସେହିପରି ମଞ୍ଚସ୍ଥ ଗୀତିନାଟ୍ୟ 'ନୀଳି କୁମ୍ଭାରୁଣୀ', 'କଳିଙ୍ଗ କନ୍ୟା ଚରଣେ ଶରଣ ଦେବ', 'ବନବାସେ ଜାନକୀ ବଲ୍ଲଭ' ଆଦି ପୁସ୍ତକ ପ୍ରକାଶିତ ହୋଇସାରିଛି। କବିତା ପୁସ୍ତକ ମଧ୍ୟରେ 'ଓଠ', 'ନିଜ ସହ ପାନିପଥ', 'ପୁରୁଷ: ଈଶ୍ୱର', 'ପ୍ରଣାମ କବି ପ୍ରଣାମ', 'ମାଟି ଝିଅ' ଆଦି ରହିଛି। ପ୍ରାୟ ୪ଦଶନ୍ଧ ଧରି ଶିଶୁନାଟକ, ସମାଲୋଚନା, ଆଦି ଲେଖିଆସୁଛି। ପ୍ରତିଦିନ କିଛି ନା କିଛି ନ ଲେଖିଲେ ମନବୁଝେନା। ରାମାୟଣର ଗୋଟେଗୋଟେ ଚରିତ୍ରକୁ ନେଇ ଗୋଟେଗୋଟେ କବିତା ଲେଖିଛି। ଯେତେବେଳେ ବି ସମୟ ପାଏ ବିଭିନ୍ନ ସ୍ଥାନରେ ଆୟୋଜିତ ହେଉଥିବା ସାହିତ୍ୟ ଅନୁଷ୍ଠାନରେ ଯାଇ ଯୋଗ ଦେଇଥାଏ।

ତାଙ୍କ ସୃଜନଶୀଳତା ପାଇଁ ବିଭିନ୍ନ ଅନୁଷ୍ଠାନରୁ ତାଙ୍କୁ ମିଳିଛି ବହୁ ସମ୍ମାନ ଓ ପୁରସ୍କାର। ଯାହା ମଧ୍ୟରେ ଆସେ ମଣି ମାଣିକ ସମ୍ମାନ (ଶିଶୁ ନାଟକ ଓ ଶିଶୁ କବିତା ପାଇଁ), ନାଥ ହେମଲତା ସାରସ୍ୱତ ସମ୍ମାନ, ସାହିତ୍ୟ ସଙ୍ଗମ ସମ୍ମାନ, ସୃଜନ ଯୁବ କବିତା ସମ୍ମାନ, ରାଷ୍ଟ୍ରଦୀପ କବିତା ସମ୍ମାନ, ଡିଭିନିଟି ଆୱାର୍ଡ ଫର୍ ଲିଟରେଚର, ସୃଜନର ପାହାଚ କବିତା ସମ୍ମାନ, ସମ୍ପର୍କ ସାହିତ୍ୟ ସଂସ୍କୃତି ସମ୍ମାନ, କବିତା ଭାରତୀ ସମ୍ମାନ, ଲେଖକ ସହଯୋଗ କବିତା ସମ୍ମାନ, ଯୁଗଧ୍ୱନି କବିତା ସମ୍ମାନ, କଳିଙ୍ଗ ପ୍ରଭା କବିତା ସମ୍ମାନ, ସାହିତ୍ୟ ଦର୍ପଣ କବିତା ସମ୍ମାନ, ଶ୍ରୀ ଦୁର୍ଗା ପାଣ୍ଡୁଲିପି କବିତା ସମ୍ମାନ, ଆମ ପରିଚୟ ସାରସ୍ୱତ ସମ୍ମାନ, ମୁଖଶାଳା କବିତା ସମ୍ମାନ, ଶିଶିର କବିତା ପ୍ରତିଭା ସମ୍ମାନ, ପୁନର୍ନବା କବିତା ସମ୍ମାନ ଇତ୍ୟାଦି ଅନ୍ୟତମ। ବର୍ତ୍ତମାନ ସେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଶ୍ରୀ ଅରବିନ୍ଦ ଉଚ୍ଚଶିକ୍ଷା ଗବେଷଣା କେନ୍ଦ୍ର ମାତୃଭବନ କଟକରେ ଓଡ଼ିଆ ଅଧ୍ୟାପକ ଭାବେ କାର୍ଯ୍ୟରତ। ନିଜର ସ୍ୱପ୍ନ ସମ୍ପର୍କରେ ସେ କୁହନ୍ତି, 'ମୋର ସ୍ୱପ୍ନ କହିଲେ ମୁଁ ସବୁବେଳେ ନିଜକୁ ଭଲ କରିବାକୁ ଆଉ ଭଲ ହେବାକୁ ଚାହେଁ।'

-କାର୍ତ୍ତିକ ସାହୁ







# ଫଗୁ ଦଶମୀ

–ସ୍ନିଗ୍ଧା ସାହୁ



ଆଉ ଦିନ କେଇଟା ରହିଲା ଦୋଳପୁନେଇଁ। ଦୁଆରୀ ଭୋଗ ଆରମ୍ଭ ହେଇ ଗଲାଣି। ଗାଁ ଦାଣ୍ଡ ବାଟଘାଟ ସଞ୍ଜ ବୁଢ଼ୁବୁଢ଼ୁ ଚଳଚଞ୍ଚଳ। ସମସ୍ତଙ୍କ ଦୁଆର ଲିପା ପୋଛା ହେଇ ପଞ୍ଚବର୍ଣ୍ଣ ମୁରୁଜ ପଡିଗଲାଣି।

ଆଜି ତଳ ସାହିପଟକୁ ଆସିବେ ଦୋଳ ଦିଅଁ। ମଣି ଫି' ବରଷ ଏଇ ଦିନକୁ ଚାତକ ଭଳି ଅନେଇ ରହିଥାଏ।

ଭାରି ସରାଗରେ ଡାଲା ସଜାଡ଼ିଲା ମଣି। ବିଡ଼ିଆ ପାନ, ଯୋଡ଼ା ମଲ୍ଲୀ ମାଳ, ଧୂପ ଦୀପ ସବୁ ଯୋଗାଡିବାରେ ଲାଗିଥାଏ। ସାଇପଡିଶା ତାଟକା ହେଇ ଅନେଇଥାନ୍ତି।

ସର ଖୁଡୀ ଡାକ ପକେଇଲେ, ''ହଇଲୋ ହେ ମଣି!!!! ସେ ଆମ୍ବ ପେଣ୍ଠାଟା କୋଉଠୁ ପାଇଲୁ କିଲୋ ? ଗେରସ୍ତ ଯିବାର ବରଷେ ପୁରିନି, ଦୋଳ ଭୋଗ କାହା ପାଇଁ ସଜାଉଛୁ? ବିମାନ ମାରା କରିବୁ ନା' କ'ଣ ? ତୋ ଦୁଆରୁ ଏଥର ଦିଅଁ ଭୋଗ ଖାଇବେନି। ଯାଃ... ଉଠା ସେ ସବୁ...''

ସତେକି ବଜ୍ର ପଡ଼ିଲା ମଣି ମୁଣ୍ଡରେ। ସହଜେ ତ' ବୈଧବ୍ୟ ଯନ୍ତ୍ରଣା, ପୁଣି ଠାକୁର ସେବାରୁ ବଞ୍ଚିତ କଥା ଆହୁରି କଷ୍ଟ ଲାଗିଲା ମଣିକୁ ।

ସନିଆ ଚାଲିଗଲା ପରଠୁ ଯିଏ ଯାହା କହିଛି ମଣି ସବୁ ମାନି ଚଳିଛି। ରଜ ସାବିତ୍ରୀରେ ନାଲି ଶାଢ଼ୀ ପାଇଁ ଅଳି କରୁଥିବା ମଣି ଆଜି ଧୋବ ଫରଫରକୁ ଆପଣେଇଛି। ନିଇତି ଦେଉଳ ନ ଗଲେ ପାଣି ଟୋପେ ପାଉ ନ ଥିବା ମଣି ନଅ ମାସ ହେଲାଣି ମନ୍ଦିର ବେଢ଼ା ମାଡିନି। କିନ୍ତୁ ଆଜି ସର ଖୁଡୀ କଥା ଶୁଣି କାନ୍ଦି ପକେଇଲା ମଣି। ''ହେ କେଶବ!!! ହେ ମାଧବ!!! ମୁଁ ସିନା ପୋଡ଼ା କପାଳି। ମୋ ପାଇଁ ତୁମ ଦ୍ୱାର ରୁଦ୍ଧ... ତୁମେ ତ ମୋ ଦୁଆରକୁ ଆସିପାରିବ ପ୍ରଭୁ ? ସେତକ ବି ମନା। ହଉ ଯାହା ମୋ ଭାଗ୍ୟ ଆଉ ତୁମ ଇଚ୍ଛା''... ଛଳ ଛଳ ଆଖିରେ ଏତକ କହି ପୂଜା ଜିନିଷ ଉଠେଇବାକୁ ଲାଗିଲା ମଣି।

ଘଣ୍ଟ ଘଣ୍ଟା ମୃଦଙ୍ଗ ହୁଳହୁଳି ଶୁଭିଲାଣି। ସଂକିର୍ତ୍ତନ ମଣ୍ଡଳୀ ସହିତ ବିମାନ ଆସିଲେ ବୋଧେ। ଆଡ ହେଇଗଲା ମଣି। ହଠାତ୍ କୋଉଠି ଥିଲା ଦଲକାଏ ପବନ। ଜୋର୍‌ରେ ବହିଗଲା। ବିମାନ ଦୋହଲି ଗଲା। ମଣି ଦୁଆରେ କ୍ଷଣିକ ପାଇଁ ଅଟକି ଗଲେ ବୁହାଳି। ମଣି ଚକିତ ହେଇଗଲା। ଏ କ'ଣ ସେ ଦେଖୁଛି...ସାମ୍ନାରେ ରାଧା ମାଧବ। ଆଖି ସ୍ତବ୍ଧ ହେଇ ରହିଗଲା। ହାତ ଆପଣା ଛାଏଁ ଯୋଡ଼ି ହେଇଗଲା। ଆହା... କି ସୁନ୍ଦର ଯୋଡ଼ି। ନାଲି ଶାଢ଼ୀରେ ରାଧାରାଣୀ ଆଉ ପୀତ ବସନରେ ମାଧବ। ରଙ୍ଗ ବେରଙ୍ଗର ଫୁଲରେ ସଜେଇ ହେଇଛନ୍ତି । ଓଠରୁ ଝରି ପଡୁଛି ମଲ୍ଲୀ ଫୁଲିଆ ହସ। ମଣି ଆଖିରେ ପଲକ ପଡୁନଥାଏ। ନଅ ମାସ ପରେ ତା' ପ୍ରଭୁଙ୍କୁ ଦର୍ଶନ କରୁଛି। ଅନବରତ ବୋହିଯାଉଛି ଅମାନିଆ ଲୁହ ଗୁଡା। ଆଭୂମ ପ୍ରଣାମ କଲା ମଣି। କିଛି ଜାଣିବା ଆଗରୁ ମଣି ଦୁଆରେ ବିଞ୍ଚି ହେଇଗଲା ମେଞ୍ଚାଏ ଗୋଲାପୀ ଅବିର। ଚମକି ପଡ଼ିଲେ ସମସ୍ତେ। ଆଶ୍ଚର୍ଯ୍ୟ ହେଇଗଲା ମଣି। '' ପ୍ରଭୁ ଏ କ'ଣ କଲ ? ବିନ୍ଦୁଟିଏ ମାଗିଲି ସିନ୍ଧୁଏ ଓଜାଡ଼ି ଦେଲ ? ଅଭାଗିନୀ ଟା ତରିଗଲା ମଣିମା ତରିଗଲା।'' ସେପଟୁ ହୁଳହୁଳି ହରିବୋଲ ଧ୍ୱନିରେ ଗାଁ ଦାଣ୍ଡ ଉଚ୍ଛୁଳି ପଡୁଥିଲା।

– ସିଡିଏ, କଟକ, ମୋ: ୯୯୩୮୩୧୪୦୨୩

## ପାଞ୍ଚୋଟି ଏକପଦୀ

–ଡ.ଭରତ ଚନ୍ଦ୍ର ଦାଶ

ମୁକ୍ତ କେଶ ତୁମ ଶ୍ରୀତନୁରେ ଶୋଭେ
ଗୌର ଅଙ୍ଗେ କୃଷ୍ଣ ବାସ
ନୟନର ଠାଣି ହୃଦ ନିଏ କିଣି
ପ୍ରଣୟୀ ପ୍ରଣୟେ ଆଶ ।

ଦୁଇ

ମୁଁ ପଢୁଛି ସଖି ଅଧରର ଭାଷା
ବୁଝୁଛି ଆଖିର ଭାବ
କହି ପାରିବ କି କଥା କୁହା ଆଖି
ଅନୁଭବେ ଅନୁଭବ ।

ତିନି

ପ୍ରୀତି ମୋ କହିଲା ନୁହଁ ଆପଣାର
ନିଜର ଲାଗୁଛ ମୋତେ
ପ୍ରୀତି ସିଞ୍ଚନରେ ଭିଜେଇ ଦେଇଛ
ମଣିଛ ଆପଣା ଚିତ୍ତେ ।

ଚାରି

ଅଧର ନିନ୍ଦୁଛି ରକ୍ତ ଗୋଲାପକୁ
ରତି ପତି ନିନ୍ଦେ ଦେହ
ବର୍ତ୍ତୁଳ ତୁମର ଦେହର ପରିଧି
ଦୁର୍ବାର ମିଳନ ମୋହ ।

ପାଞ୍ଚ

ମୋ ଦେହରେ ସଖି କାମନାର ନିଆଁ
ଅଶାନ୍ତ ପ୍ରୀତିର ସ୍ରୋତ
ଦୂରେ ବହୁଦୂରେ ପ୍ରୀତି ଅପ୍ରୀତିରେ
ଅତୃପ୍ତେ ଅସ୍ଥିର ଚିତ୍ତ ।

--XXX--

–ମାର୍କୋଣା ,ବାଲେଶ୍ୱର
ମୋ: ୮୯୮୪୪୩୯୧୬୬


## ରଙ୍ଗ

–ରଜତ ମହାନ୍ତି



ରଙ୍ଗ ତୋ ଆଖିର,
ରଙ୍ଗ ତୋ ଓଠର,
ରଙ୍ଗ ତୋ କେଶର,
ରଙ୍ଗ ତୋ ମନର ଏମିତି ଯେ,
ମୋ ହାତ ଯାଏନି
କିଣା ରଙ୍ଗ ବୋଲି
କ୍ଷଣିକ ପାଇଁ କି
ବେରଙ୍ଗ ବି କରିବାକୁ ତୋତେ ॥

–ବଳଗଣ୍ଡି, ପୁରୀ, ମୋ: ୮୯୦୮୦୬୬୫୬୨



# ସୋନାକ୍ଷୀଙ୍କ କଥା ରହିଲା


ସୋନାକ୍ଷୀ

ସୋନାକ୍ଷୀ ସିହ୍ନାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଦବଙ୍ଗ'। ଅରବାଜ ଖାଁଙ୍କ ପ୍ରଯୋଜିତ ଏହି ଫିଲ୍ମଟି ୨୦୧୦ ସେପ୍ଟେମ୍ବର ୧୦ ଅର୍ଥାତ୍ ଇଦ୍‌ରେ ରିଲିଜ ହୋଇଥିଲା। ମାତ୍ର ୪୧ କୋଟି ବଜେଟରେ ପ୍ରସ୍ତୁତ ଉକ୍ତ ସିନେମା ବକ୍ସ ଅଫିସରେ ହିଟ୍ ହେବା ସହ ୨୦୦କୋଟି କ୍ଲବ୍‌ରେ ପ୍ରବେଶ କରିଥିଲା। ତେବେ ଏହି ଫିଲ୍ମର ପ୍ରାରମ୍ଭିକ କାମ ଚାଲିଥିବା ବେଳେ ଏକ ଘଟଣା ଘଟିଥିଲା। ଏଥିରେ ସଲମାନଙ୍କ ଲୁକ୍ କିପରି ରହିବ ସେ ନେଇ ବେଶ୍ ମାନସ ମନ୍ଥନ ଚାଲିଥିବା ସମୟରେ ସୋନାକ୍ଷୀ ଏକ ପ୍ରସ୍ତାବ ଦେଇଥିଲେ। ସେ କହିଥିଲେ ସଲ୍ଲୁଜୀ ଯଦି ନିଶ ରଖିବେ ତେବେ ବେଶ୍ ସୁନ୍ଦର ଦେଖାଯିବେ। ଏହାକୁ ନେଇ ଆଲୋଚନା ହେବା ପରେ ଶେଷରେ ସୋନାକ୍ଷୀଙ୍କ କଥା ହିଁ ରହିଥିଲା। ଆଉ ଏହି ଫିଲ୍ମରେ ପୋଲିସ ଅଫିସର ଭୂମିକାରେ ଅଭିନୟ କରିଥିବା ସଲମାନଙ୍କ ନିଶ ଗେଟଅପକୁ ଦର୍ଶକ ଗ୍ରହଣ କରିଥିଲେ।

# ସବୁ ଦର୍ଶକଙ୍କ ପାଇଁ..


ଟାଇଗର

ବଲିଉଡ୍‌ର ଯଙ୍ଗ ସନ୍‌ସେସନ୍ ଟାଇଗର ଶ୍ରଫଙ୍କ ନୂଆ ଲୁକ୍ ଏବେ ଭାଇରାଲ ହୋଇଛି। କଥା କ'ଣ କି ସେ ଏବେ ତାଙ୍କର ନୂଆ ସିନେମା 'ବାଗୀ ୪'କୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। କାରଣ ଏଥିରେ ତାଙ୍କର ଭୂମିକା ଦର୍ଶକଙ୍କୁ ପ୍ରାରମ୍ଭରୁ ପ୍ରଭାବିତ କରିବାରେ ସଫଳ ହୋଇଛି। ନିକଟରେ ଏହି ଫିଲ୍ମରେ ଟାଇଗରଙ୍କ ନୂଆ ଲୁକ୍ ରିଲିଜ ହୋଇଛି, ଯାହାକୁ ଦର୍ଶକ ବେଶ୍ ପସନ୍ଦ କରିଛନ୍ତି। ଆଉ ସେମାନଙ୍କର ଏଭଳି ଭଲ ପାଇବା ଦେଖି ଟାଇଗର୍ ବା କେମିତି ଚୁପ୍ ବସି ରହନ୍ତେ ? ସେ ଦର୍ଶକଙ୍କୁ ପ୍ରଶଂସା କରିବା ସହ କହିଛନ୍ତି, ''ଆଜି ମୁଁ ଯଦି ବଲିଉଡ୍‌ରେ ତିଷ୍ଠି ରହିଛି, ତାହା କେବଳ ଦର୍ଶକଙ୍କ ପାଇଁ। ସେମାନେ ମୋ ଅଭିନୟକୁ ଗ୍ରହଣ କରିଛନ୍ତି ତାହା ହେଉଛି ସବୁଠାରୁ ବଡ କଥା। ଆଉ ମୋ ଆଗାମୀ ଫିଲ୍ମ 'ବାଗୀ ୪' ମଧ୍ୟ ବକ୍ସ ଅଫିସରେ ଭଲ ବିଜନେସ କରିବ ବୋଲି ମୋର ଦୃଢ଼ ଆଶା ରହିଛି। ଏହି ଫିଲ୍ମଟି ସେମାନଙ୍କୁ ଶତ ପ୍ରତିଶତ ଏଣ୍ଟରଟେନ କରିବ ବୋଲି ମୁଁ ବିଶ୍ୱାସ ରଖିଛି।'' ଆକ୍ସନ-ଥ୍ରୀଲର ବିଶିଷ୍ଟ ଉକ୍ତ ସିନେମାର ନିର୍ଦ୍ଦେଶନା ଦେଇଛନ୍ତି କନ୍ନଡ ନିର୍ଦ୍ଦେଶକ ଏ.ହର୍ଷ। ଏହି ଫିଲ୍ମରୁ ସେ ବଲିଉଡ୍‌ରେ ଏଣ୍ଟ୍ରି କରୁଛନ୍ତି। ଚିତ୍ରଟିର କାହାଣୀ ରଚନା କରିଛନ୍ତି ରଜତ ଆରୋରା ଏବଂ ସାଜିଦ ନାଦିଆଦୱାଲା। ଟାଇଗରଙ୍କ ବ୍ୟତୀତ ଏଥିରେ ସଞ୍ଜୟ ଦତ୍ତ ଏବଂ ସୋନମ ବଓ୍ୱେଜାଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଫିଲ୍ମଟି ଚଳିତ ବର୍ଷ ସେପ୍ଟେମ୍ବର ୫ରେ ରିଲିଜ ହେବାର ଯୋଜନା ରହିଛି।

# କାହିଁକି ମନା କରିଥିଲେ ପ୍ରୀତି

ପ୍ରୀତି ଜିଣ୍ଟା ଅବଶ୍ୟ ବେଶ୍ କିଛି ବର୍ଷ ହେଲାଣି ଅଭିନୟରୁ ପ୍ରାୟ ସନ୍ନ୍ୟାସ ନେଇସାରିଲେଣି। ହେଲେ ତାଙ୍କ ଅଭିନୟ ଜୀବନରେ ଅନେକ କିଛି ଘଟଣା ଘଟିଛି। ୧୯୯୮ରେ ସେ ମଣି ରତ୍ନମଙ୍କ ନିର୍ଦ୍ଦେଶିତ 'ଦିଲ୍ ସେ'ରେ ସପୋର୍ଟିଂ ରୋଲ୍‌ରୁ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ। ତା'ପରେ ସେ ବେଶ୍ କେତୋଟି ହିଟ୍ ସିନେମାରେ ମଧ୍ୟ ଅଭିନୟ କରିସାରିଛନ୍ତି। ଏପରି କି ପ୍ରଥମ ସିନେମା ପାଇଁ ଶ୍ରେଷ୍ଠ ନବାଗତା ଭାବରେ ଫିଲ୍ମ ଫେୟାର ପୁରସ୍କାର ପାଇଥିଲେ। ପରବର୍ତ୍ତୀ ସମୟରେ ଅର୍ଥାତ୍ ଠିକ୍ ତାହାର ପରବର୍ଷ ଏହି ଫିଲ୍ମଟିକୁ ତେଲୁଗୁ ଭାଷାରେ ଡବିଂ କରାଯାଇଥିଲା ଯାହାର ଟାଇଟଲ ଥିଲା 'ରାଜା କୁମାରୁଡୁ'। ଏହାପରେ ତାଙ୍କୁ କେତୋଟି ତେଲୁଗୁ ଏପରି କି ତାମିଲ ଫିଲ୍ମରେ ଅଭିନୟ କରିବାକୁ ଅଫର ମିଳିଥିଲା। କିନ୍ତୁ ସେ ନମ୍ରତାର ସହ ମନା କରିଦେଇଥିଲେ। ଏଭଳି ସୁଯୋଗକୁ ହାତଛଡା କରିବା ପଛରେ କି କାରଣ ଥିଲା ସେ ନେଇ ପ୍ରୀତି କହନ୍ତି, ''ଯେଉଁ ଭାଷା ଉପରେ ମୋର ଦକ୍ଷତା ଅଛି ସେହି ଫିଲ୍ମରେ ମୁଁ ଅଭିନୟ କରିବି ବୋଲି ସ୍ଥିର କରିଥିଲି। ତେଣୁ ସେହି ସମୟରେ ମୋତେ ଅନେକ ପ୍ରାନ୍ତୀୟ ଫିଲ୍ମରେ ଆକ୍ଟିଂ କରିବାକୁ ଅଫର ମିଳିଥିଲେ ବି ସେଗୁଡ଼ିକୁ ମୁଁ ଗ୍ରହଣ କରି ନ ଥିଲି।'' ପ୍ରୀତି ଅଭିନୟ କରିଥିବା ପ୍ରମୁଖ ହିନ୍ଦୀ ସିନେମା ମଧ୍ୟରେ ରହିଛି- 'ସୋଲଜର', 'ସଂଘର୍ଷ', 'କ୍ୟା କହନା', 'ମିଶନ କାଶ୍ମୀର', 'ଦିଲ୍ ଚାହତା ହେ', 'କୋଇ ମିଲ ଗୟା', 'କଲ୍ ହୋ ନା ହୋ', 'ବୀର ଜରା', 'କ୍ରିସ' ଆଦି।


ପ୍ରୀତି

# କାରଣ ଖୋଜୁଛନ୍ତି ସାରା

ସାରା ଅଲ୍ଲୀ ଖାଁଙ୍କ ମନ ଏବେ ଦୁଃଖୀ। କେମିତି ବା ଦୁଃଖୀ ହେବନି କହୁନାହାନ୍ତି ? ସେ ଅଭିନୟ କରିଥିବା ନୂଆ ସିନେମା 'ମେଟ୍ରୋ ଇନ୍ ଦିନୋ'ର ରିଲିଜ ତାରିଖ ଘୁଞ୍ଚି ଘୁଞ୍ଚି ଚାଲିଛି। ପ୍ରଥମେ ଶୁଣିବାକୁ ମିଳିଲା ଯେ, ଚିତ୍ରଟି ୨୦୨୪ରେ ପରଦା ଉପରକୁ ଆସିବ। ହେଲେ କେତେକ କାରଣରୁ ଏହାକୁ ଚଳିତ ବର୍ଷକୁ ଘୁଞ୍ଚାଇ ଦିଆଗଲା। ହେଲେ ଏବେ ଦେଖିଲା ବେଳକୁ ଫିଲ୍ମଟି ଏବର୍ଷ ମଧ୍ୟ ରିଲିଜ ହୋଇପାରିବ ନାହିଁ। ଆସନ୍ତା ବର୍ଷ ଏହି ଶୁଭ ଦିନଟି ଘୋଷଣା ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି। ଅର୍ଥାତ୍ ୨୦୨୬ରେ ସିନେମାଟି ରିଲିଜ ହେବ। ଏକଥା ଶୁଣିବା ପରେ ମନ ଊଣା କରିଛନ୍ତି ସାରା। ଏ ନେଇ ସେ କହନ୍ତି, 'ପ୍ରକୃତରେ ରିଲିଜ ପାଇଁ କ'ଣ ସମସ୍ୟା ରହୁଛି ତାହା ମୁଁ ଜାଣିପାରୁନାହିଁ। ପୋଷ୍ଟ ପ୍ରଡକ୍ସନ ସହ ଅନ୍ୟସବୁ କାମ ଠିକ୍ ସମୟରେ ଶେଷ ହୋଇଥିଲା। ମୁଁ ଆଶା ରଖିଥିଲି ୨୦୨୪ରେ ଫିଲ୍ମଟି ରିଲିଜ ହେବ। ହେଲେ ତାହା ହୋଇପାରିଲା ନାହିଁ। ଏବର୍ଷ ବି ମୁକ୍ତିଲାଭ କରିବାର ଥିଲା, ତାହା ମଧ୍ୟ ବାତିଲ କରାଯାଇଛି। ଦେଖାଯାଉ, ଆସନ୍ତା ବର୍ଷ କ'ଣ ହେଉଛି ?'' ଏହି ଫିଲ୍ମକୁ ପ୍ରଯୋଜନା କରିଛନ୍ତି ଭୂଷଣ କୁମାର ଏବଂ ନିର୍ଦ୍ଦେଶନା ଦେଇଛନ୍ତି ଅନୁରାଗ ବସୁ। ଏହାର ଗୀତଗୁଡିକୁ ସ୍ୱରରେ ସଜାଇଛନ୍ତି ଆଗଧାଡିର ସଙ୍ଗୀତ ନିର୍ଦ୍ଦେଶକ ପ୍ରୀତମ। ଫିଲ୍ମରେ ଆଦିତ୍ୟ ରୟ କପୁର, ସାରା ଅଲ୍ଲୀ ଖାଁ, ଅନୁପମ ଖେର, ନିନା ଗୁପ୍ତା, ପଙ୍କଜ ତ୍ରିପାଠୀ ଏବଂ କୋଙ୍କଣା ସେନଶର୍ମା ପ୍ରମୁଖ ଅଭିନୟ କରିଛନ୍ତି।


ସାରା

# ସ୍କ୍ରିପ୍ଟକୁ ଗୁରୁତ୍ୱ ଦିଏ


ତମନ୍ନା

ଦକ୍ଷିଣ ଭାରତୀୟ ସିନେମାର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ହେଉଛନ୍ତି ତମନ୍ନା ଭାଟିଆ। ମାତ୍ର ୧୩ ବର୍ଷ ବୟସରେ ସେ ନିଜର ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ଏ ପର୍ଯ୍ୟନ୍ତ ତାଙ୍କ ଅଭିନୀତ ଅଧିକାଂଶ ସିନେମା ଦର୍ଶକାଦୃତ ହୋଇପାରିଛି। ତେବେ ଏହା ପଛରେ କି ରହସ୍ୟ ରହିଛି ସେ ବିଷୟରେ ସୂଚନା ଦେଇ ସେ କହିଛନ୍ତି, ''କୌଣସି ସିନେମା ସାଇନ୍ କରିବା ପୂର୍ବରୁ ମୁଁ ତାହାର ସ୍କ୍ରିପ୍ଟକୁ ଭଲ ଭାବରେ ତର୍ଜମା କରିଥାଏ। କାହାଣୀ ସହିତ ଯଦି କୌଣସି ଦୃଶ୍ୟର ସଂଯୋଗ ନ ରହିଲା ତେବେ ତାହାକୁ ବିରୋଧ କରିଥାଏ। ଏଥିପାଇଁ ମୋତେ କେତୋଟି ସିନେମା ହାତଛଡା ବି କରିବାକୁ ପଡିଛି, ହେଲେ ସେ ନେଇ ଟିକିଏ ବି ଅନୁଶୋଚନା କରୁନାହିଁ। କାରଣ ଫିଲ୍ମର ସଫଳତା ଏହାର କାହାଣୀ, ସ୍କ୍ରିପ୍ଟ, ସଂଳାପ ଏବଂ ଉପସ୍ଥାପନା ଉପରେ ସମ୍ପୂର୍ଣ୍ଣ ଭାବରେ ନିର୍ଭର କରିଥାଏ। ଯଦି କାହାଣୀ ଅନୁସାରେ କୌଣସି ସିନେମାରେ ମୋତେ କିସ୍ ଶଟ୍ ଦେବାକୁ ପଡେ, କିମ୍ବା ବିକିନି ପିନ୍ଧିବାକୁ ପଡେ ତେବେ ମୁଁ ମନା କରିବି ନାହିଁ। ଅଯଥାରେ ଅଙ୍ଗ ପ୍ରଦର୍ଶନ କରି ଶସ୍ତା ଲୋକପ୍ରିୟତା ଅର୍ଜନ କରିବାକୁ ମୁଁ ଚାହେଁନା।'' ତେଲୁଗୁ ଏବଂ ତାମିଲ ଫିଲ୍ମ ବ୍ୟତୀତ ତମନ୍ନା ଅଭିନୟ କରିଥିବା ପ୍ରମୁଖ ହିନ୍ଦୀ ସିନେମାଗୁଡିକରେ ରହିଛି-'ଚାନ୍ଦ ସା ରୋଶନ ଚେହେରା', 'ହାଉସଫୁଲ', 'ହିମ୍ମତୱାଲା', 'ଏଣ୍ଟରଟେନମେଣ୍ଟ', 'ଖାମୋସୀ' ଏବଂ 'ଲଷ୍ଟ ଷ୍ଟୋରିଜ ୨'।

# ଯାହା ଚାହୁଁଥିଲେ ସ୍ୱପ୍ନା...


ସ୍ୱପ୍ନା

ଉଭୟ ଅଭିନୟ ଏବଂ ସମାଜସେବା ସହ ଜଡିତ ସ୍ୱପ୍ନା ପତିଙ୍କର ଖୁସି କହିଲେ ନ ସରେ। କାରଣ ନିକଟରେ ତାଙ୍କୁ ଏକ ମନଲାଖି ମ୍ୟୁଜିକ ଭିଡିଓରେ ଅଭିନୟ କରିବାର ସୁଯୋଗ ମିଳିଛି। ବିଶେଷଭାବରେ ଏହାର ଲିରିକ୍ସ ଏବଂ କୋରିଓଗ୍ରାଫି ତାଙ୍କୁ ବେଶ୍ ପ୍ରଭାବିତ କରିଛି। ତା'ସହ ଗୀତଟିକୁ ଭଲଭାବେ ନିଭେଇବା ପାଇଁ ସେ ପିକ୍ଚରାଇଜେଶନ ସମୟରେ ଚେଷ୍ଟା କରିଛନ୍ତି। ଏହି ମ୍ୟୁଜିକ ଭିଡିଓର ଟାଇଟଲ ରହିଛି 'ତୋ ଶାଢ଼ି ପିନ୍ଧା ରୂପକୁ ଦେଖି'। ଏସ.ଆର.ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ଏହାକୁ ପ୍ରସ୍ତୁତ କରାଯାଇଛି। ରାଜେଶ ମହାନ୍ତି ଏହାର ପ୍ରଯୋଜନା କରିଛନ୍ତି। ନିର୍ଦ୍ଦେଶନା ଦେଇଛନ୍ତି ଆଲବମ୍ ଜଗତର ସଫଳ ନିର୍ଦ୍ଦେଶକ ଯୋଡି ଟୁନା-ଚନ୍ଦନ। ପ୍ରୀତ ପ୍ରିୟଙ୍କର ସ୍ୱର ସଂଯୋଜନା କରିଥିବାବେଳେ, କଣ୍ଠଦାନ କରିଛନ୍ତି ଅନ୍ୟତମ ଲୋକପ୍ରିୟ ଗାୟକ କୁଳଦୀପ। ସ୍ୱପ୍ନା ଏବଂ ସମ୍ଭବ ମାନସିଂହଙ୍କୁ ନେଇ ଏହାର ଦୃଶ୍ୟାୟନ କରାଯାଇଛି। ଉକ୍ତ ଆଲବମ୍ ବିଷୟରେ ସ୍ୱପ୍ନା କହନ୍ତି, 'ଏବେ ମଧ୍ୟ ମ୍ୟୁଜିକ ଭିଡିଓର ଚାହିଦା ରହିଛି। ବିଶେଷଭାବରେ ଏହି ଗୀତକୁ ଶୁଣିବା ପରେ ମୁଁ ପୂରା ଇମ୍ପ୍ରେଶ ହୋଇଯାଇଥିଲି। ମୋ ମତରେ ଦର୍ଶକମାନଙ୍କ ସହ ଯୋଡି ହୋଇ ରହିବାର ଏହା ଏକ ଅନ୍ୟତମ ମାଧ୍ୟମ। ଏହି ଭିଡିଓଟିକୁ ଦର୍ଶକ ଗ୍ରହଣ କରିବେ ବୋଲି ଆଶା ରଖିଛି।''

# ଦରମା ଟଙ୍କାକୁ ବୋଉ ହାତରେ ଦେଇଥିଲି

ପ୍ରଥମ ରୋଜଗାର




ସାହିତ୍ୟିକା ସର୍ବାଣୀ ପଟ୍ଟନାୟକ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ଇଞ୍ଜିନିୟରିଂ ସରିବା ପରେ ଅନ୍ୟ ସାଙ୍ଗମାନଙ୍କ ପରି ମୁଁ ବି ଚାଲି ଯାଇଥିଲି ହାଇଦ୍ରାବାଦ ଚାକିରୀ ସନ୍ଧାନରେ। ଅନେକ ଚେଷ୍ଟା ଓ ଛଅ ମାସର କଷ୍ଟକର ଅପେକ୍ଷା ପରେ ଅପ୍ରେଲ ୨୦୦୬ରେ ଗୋଟେ ବନ୍ଧୁ ସାହାଯ୍ୟରେ ଗୋଟିଏ ଛୋଟ ଘରୋଇ କମ୍ପାନୀ ବିଷୟରେ ଖବର ପାଇଲି। ଆମେ ପାଖାପାଖି ଚାରିଜଣ ସାଙ୍ଗ ଯାଇଥାଉ ଇଣ୍ଟରଭିୟୁ ଦେବା ପାଇଁ। ଆଉ ଭଲ କଥା ହେଲା, ଆମେ ସମସ୍ତେ ସେଠି ଚାକିରି ପାଇଗଲୁ ଏକା ସାଙ୍ଗରେ। ଦରମା ଥିଲା ମାତ୍ର ୪୦୦୦ ଟଙ୍କା। କିନ୍ତୁ ଭିତରେ ଗୋଟେ ଆତ୍ମସନ୍ତୋଷ ଥିଲା ଯେ ଆଉ ଘରୁ ମାଗିବାକୁ ପଡିବନି ନିଜର ଖର୍ଚ୍ଚ ଉଠେଇବାକୁ। ଏତେ ପଇସାପତ୍ର ଖର୍ଚ୍ଚ କରି ଇଞ୍ଜିନିୟରିଂ ପଢେଇଥିବା ବାପାଙ୍କୁ ନିଜ ପାଇଁ ଅଧିକ ଖର୍ଚ୍ଚାନ୍ତ କରେଇବାକୁ ଇଚ୍ଛା ହେଉ ନ ଥିଲା। ଖୁସି ହୋଇ ହଷ୍ଟେଲ ପାଖରେ ଥିବା ପି.ସି.ଓରୁ ଫୋନ୍ କରି ବାପାଙ୍କୁ ଚାକିରୀ କରିବା ବିଷୟରେ ଜଣେଇଦେଲି। ତା'ପରେ ମୋର ଆରମ୍ଭ ହେଲା ପ୍ରଥମ କର୍ମକ୍ଷେତ୍ର ଅଭିମୁଖେ ଯାତ୍ରା। ସକାଳ ସାତରୁ ସାଢ଼େ ସାତ ସୁଦ୍ଧା ବାହାରି ଯାଉ। ଚାରିଜଣ ସାଙ୍ଗ ଏକାଠି ହେଇ ବସ ବା ଅଟୋ ଧରି ପହଞ୍ଚୁ ଅଫିସରେ। ଦିନ ସାରା କାମ କରି ସନ୍ଧ୍ୟା ୬ଟାରେ ପୁଣି ସମସ୍ତେ ମିଶି ଫେରୁ। ହଷ୍ଟେଲରେ ଆସି ପହଁଚିଲା ବେଳକୁ ପ୍ରାୟ ସାଢେ ସାତରୁ ଆଠ ବାଜିଯାଏ। ଅନେକ ଦୂର ନହେଲେ ମଧ୍ୟ ଟ୍ରାଫିକ ଯୋଗୁ ଡେରି ହେଇଯାଏ। ସପ୍ତାହେ, ଦୁଇ ସପ୍ତାହ ଓ ତିନି ସପ୍ତାହ ଏମିତି କଟିଗଲା। ଠିକ୍ ଚତୁର୍ଥ ସପ୍ତାହ ବେଳକୁ କେଜାଣି କାହିଁକି ଦେହ ବହୁତ ମାନ୍ଦା ଲାଗିବାକୁ ଲାଗିଲା, ସତେ ଯେମିତି ଶରୀରରେ ଟିକେ ବି ବଳ ନାହିଁ । ଦିନେ ସନ୍ଧ୍ୟାବେଳେ ହଷ୍ଟେଲରେ ଆସି ପହଁଚିଲା ପରେ ବାଥରୁମ୍ ଯାଇ ବାହାରିଲା ବେଳକୁ ପଡିଲି କଚାଡି ହେଇ ସେଇ ବାଥରୁମ ସାମ୍ନାରେ। ଦେହରେ ଜ୍ୱର ଥାଏ। ଠିକ୍ ଭାବେ ମନେ ନାହିଁ, ସେଦିନ ବୋଧେ ଅପ୍ରେଲ ୨୭ କି ୨୮ ତାରିଖ ହେଇଥାଏ। ମାସ ଶେଷ ହେବାକୁ ଆଉ ମାତ୍ର ୨/୩ ଦିନ ବାକି ଥାଏ। ଅଫିସ ଯାଇ ପାରିବି କି ନାହିଁ ମନେ ମନେ ଭାବୁଥାଏ। ନୂଆ ସଂସ୍ଥା ଛୁଟି ନେଲେ କାଳେ ଦରମା କଟିଯିବ, ସେ ଡର ବି ଥାଏ। ହେଲେ ସେଦିନ ରାତିରେ ମୋ ସ୍ୱାସ୍ଥ୍ୟ ଅବସ୍ଥା ଆହୁରି ବିଗିଡିଗଲା। ସାଙ୍ଗମାନେ ମିଶି ମୋତେ ପାଖରେ ଥିବା ଏକ ଛୋଟ ହସ୍ପିଟାଲକୁ ନେଇଗଲେ। ସେଠି ଜଣା ପଡିଲା ମୋତେ ଚିକେନ ଗୁନିଆ ହେଇଛି ଆଉ ମୋର ରକ୍ତଚାପ ୯୦/୭୦ ହୋଇଯାଇଛି। ପୁରା ରାତି ସେଇଠି ଆଡ୍‌ମିଟ୍ ହେଇ ରହିଲି। ପରଦିନ ଖରାବେଳେ ଡିସଚାର୍ଜ ହୋଇ ଆସିଲି ସତ ହେଲେ ମୋର ଚାଲିବାକୁ ବଳ ପାଉ ନଥିଲା। ସାଙ୍ଗ ଫୋନ୍‌ରୁ ବାପାଙ୍କୁ ସବୁ କଥା ଜଣେଇଲି। ବାପା ବୋଉ ସେତେବେଳେ ମଝିଆ ଭାଇ ଓ ଭାଉଜଙ୍କ ପାଖକୁ ମୁମ୍ବାଇ ଯାଇଥାନ୍ତି। ସେମାନେ ସଙ୍ଗେସଙ୍ଗେ ଟିକେଟ୍ କାଟିଲେ କୋଣାର୍କ ଏକ୍ସପ୍ରେସରେ ମେ ୨ ତାରିଖର। ସେଇ ଟ୍ରେନ ସିକନ୍ଦ୍ରାବାଦ ହେଇ ଯାଏ। ମୋ ଟିକେଟ ବି ସେଇଥିରେ କରା ହେଲା। ସେ ଭିତରେ ଆଉ ମୁଁ ଅଫିସ ଯାଇପାରିନି। ସାଙ୍ଗମାନେ ମୋ ପାଇଁ ଆମ ଟିମ ଲିଡ୍‌ରଙ୍କୁ ଅନୁରୋଧ କରି ଆପ୍ଲିକେସନ ଦେଇ ମୋର ପ୍ରଥମ ଦରମା ନେଇ ଆସିଥିଲେ। କେତେ ଟଙ୍କା ଦରମା ମିଳିଥିଲା ତାକୁ ଗଣିବାକୁ ମୋର ଆଉ ବଳ କି ମନ ନଥିଲା। ତାକୁ ସେମିତି ରଖି ଦେଇଥିଲି ହ୍ୟାଣ୍ଡ ବ୍ୟାଗରେ। ବାପା ବୋଉ ଆସିଥିଲେ ମୋତେ ନେବାକୁ। ୨ ତାରିଖ ଦିନ ଟ୍ରେନ୍ ଧରିଲି ସିକନ୍ଦ୍ରାବାଦ ଷ୍ଟେଶନରୁ ଓ ସିଧା ବୋଉ ପାଖରେ ଯାଇ ବସିଗଲି। ପାଖାପାଖି ୨୦ ମିନିଟ୍ ରହେ ଟ୍ରେନ୍ ସେଠି। ଟ୍ରେନ ଛାଡିଲା ପରେ ମୁଁ ମୋ ହ୍ୟାଣ୍ଡବ୍ୟଗ ଖୋଲି ପଇସା କାଢି ବୋଉ ହାତରେ ଧରେଇଲି। ବୋଉ କହିଲା କ'ଣ ଏଇଟା। ମୁଁ କହିଲି ମୋ ପ୍ରଥମ ଦରମା। ସେ ଟଙ୍କାକୁ ଚୁପ୍‌ଚାପ୍ ତା' ବ୍ୟାଗରେ ଯତ୍ନରେ ରଖିଦେଲା, ସତେ ଯେମିତି ମୁଁ ତା' ହାତରେ ଗୋଟେ ବଡ ସମ୍ପତି ଧରେଇ ଦେଇଥିଲି। ପାଖରେ ବସି ବାପା ସବୁ ଦେଖୁଥିଲେ। ତାଙ୍କ ଆଖିରେ ଆତ୍ମସନ୍ତୋଷ ବାରି ହୋଇପଡୁଥିଲା। ବୋଉ ତା'ବ୍ୟାଗଟିକୁ ପୂର୍ବାପେକ୍ଷା ଟିକେ ଜୋରରେ ଜାବୁଡି ଧରି ମୋତେ କହିଲା, 'ଯା, ଶୋଇପଡେ ଉପରେ ଟିକେ, ତୋ ଦେହରେ ଜ୍ୱର ଅଛି ଏବେ ବି।' ମୁଁ ଚାଲିଗଲି ଉପର ବର୍ଥକୁ ଟିକେ ଶୋଇ ପଡିବାକୁ। ହେଲେ ଉପରକୁ ଯାଇ ତଳକୁ ଚାହିଁଲାବେଳକୁ ବାପା, ବୋଉଙ୍କ ଆଖିରେ ଏକ ଅପୂର୍ବ ଖୁସିର ଝଲକ ଦେଖିବାକୁ ପାଇଥିଲି। ସେମାନଙ୍କର ସେହି ଖୁସି ପଛର କାରଣ ଥିଲା ମୋ ପହିଲି ରୋଜଗାରର ଅପୂର୍ବ ସ୍ପର୍ଶ। ସେହି ଖୁସିର ମୁହୂର୍ତ୍ତକୁ ମୁଁ ଆଜି ଯାଏଁ ମନରେ ସାଇତି ରଖିଛି।

# ଥରୁଟେ ଘାରିଲେ ପ୍ରେମର ନିଶା, ଜଣା ପଡେନାହିଁ ଖରା-ବରଷା

ସାଥୀ



**ପ୍ରଶ୍ନ**—ମୋ ପ୍ରେମିକା କଥା ଭାବି ଭାବି ଦିନ ବିତି ଯାଉଛି। ହେଲେ ମୋର ଏହି ଅଧା ସପନ କେବେ ପୂରଣ ହେବ ଜାଣିପାରୁନାହିଁ। କ'ଣ କରିବି ?

*-ସୁଜିତ କୁମାର ଦାସ, ଅନୁଗୋଳ*

**ଉତ୍ତର:** ଧାଡି ନ ମାନି ଆପଣ ପ୍ରେମରେ ବହୁ ଦୂରକୁ ଉଡି ଯାଇଛନ୍ତି। ଯାହାକୁ ଥରେ ପ୍ରେମର ନିଶା ଘାରେ ତାକୁ କିଛି ଜଣାପଡେନା। 'ଥରୁଟେ ଘାରିଲେ ପ୍ରେମର ନିଶା, ଜଣା ପଡେନାହିଁ ଖରା-ବରଷା।' ତେଣୁ ଏହି ରାସ୍ତାରେ ପାଦ ଦେବା ପୂର୍ବରୁ ପ୍ରତିଟି କଥାକୁ ଆଦୌ ହାଲକା ଭାବରେ ନିଅନ୍ତୁ ନାହିଁ। ଯାହାକୁ ମନପ୍ରାଣ ଦେଇ ଭଲ ପାଉଛନ୍ତି ତା' ବିଷୟରେ ଯଦି କିଛି ଜାଣିଛନ୍ତି ତେବେ ତାହାକୁ ଆଧାର କରି ସବିଶେଷ ତଥ୍ୟ ସଂଗ୍ରହ କରନ୍ତୁ। ଯଦି ମନ ମାନିଲା ତେବେ ଆପଣଙ୍କ ମନର ମାନସୀକୁ ମନର କଥା କହି ଦିଅନ୍ତୁ। ତା'ପରେ ଯଦି ସବୁ ଠିକ୍‌ଠାକ୍ ଚାଲିଲା ତା'ହେଲେ ତ ସୋନେ ପେ ସୁହାଗା, ନା କ'ଣ କହୁଛନ୍ତି !

**ପ୍ରଶ୍ନ**—ଜଣେ ଝିଅକୁ ଥରେ ମୁଁ ସୁଯୋଗ ଦେଖି ପ୍ରପୋଜ କଲି। ଏପର୍ଯ୍ୟନ୍ତ ସେ କିଛି ଉତ୍ତର ଦେଉନି, ହେଲେ ଦେଖିଲେ ହସି ଦେଉଛି। କ'ଣ କରିବି ?

*-ପ୍ରକାଶ କୁମାର, ଭୁବନେଶ୍ୱର*

**ଉତ୍ତର:** ପ୍ରେମ କରିବାକୁ ଆଗେଇଛନ୍ତି, ହେଲେ ତାହାର ଗୋଟିଏ ସାମାନ୍ୟ କଥାକୁ ଠିକ୍ ଭାବରେ ବୁଝି ନାହାନ୍ତି ? ଆପଣ ପ୍ରପୋଜ କରିଛନ୍ତି ଆଉ ଏବେ ଝିଅଟି ଦେଖି ହସି ଦେଉଛି। ଏଇଠୁ ଧରି ନିଅନ୍ତୁ ଯେ, ଉସ୍‌କି ଦିଲ୍ ମେଁ ଆପକେ ଲିୟେ କୁଛ୍ କୁଛ୍ ହୋତା ହୈ। ତେଣୁ ଡେରି ନ କରି ତା' ହସକୁ ପ୍ରେମର ପହିଲି ସିଗନାଲ ଭାବରେ ଗ୍ରହଣ କରି ନିଅନ୍ତୁ। ତା'ପରେ ଆଗକୁ ପାଦ ରଖିଲେ ଆପଣଙ୍କ ପ୍ରେମର ଗାଡି ଗଡି ଗଡି ଚାଲିବ। ବାସ୍, ସାହସର ସହ ଆଗାନ୍ତୁ।

**ପ୍ରଶ୍ନ**—ଲାଜରୁ ପ୍ରେମ ସୃଷ୍ଟି ହୁଏ ବୋଲି ଶୁଣିଛି। ଏକଥା କ'ଣ ସତ ?

*-କୈଳାସ ନାୟକ, ଜଗତସିଂହପୁର*

**ଉତ୍ତର:** ସୁନ୍ଦରୀ ଲାଜରେ ଅନେକ କଥା ଲୁଚି ରହିଥାଏ। ବିଶେଷ ଭାବରେ ପ୍ରେମ ପୂର୍ବରୁ ଯଦି ଝିଅଟି ଲାଜେଇ ଲାଜେଇ ଚାହିଁଲା ତେବେ ଧରି ନିଅନ୍ତୁ ଯେ ସେହି ଲାଜରେ କିଛି ସ୍ପେଶାଲ କଥା ଲୁଚି ରହିଛି। କେବଳ ମଗଜ ଖଟେଇ ସେହି ଭିତିରି କଥାକୁ ପଢ଼ି ପାରିଲେ ହେଲା। କାରଣ ସେହି ଲାଜରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। ଯଦି ଲାଜକୁ ନେଇ ଆପଣ ଲାଜରେ ଝାଉଁଳି ପଡିଲେ ତେବେ ପ୍ରେମ କେମିତି ହେବ କହୁନାହାନ୍ତି ? ବାସ୍ ପ୍ରେମର ସୂରାକ ପାଇବା ମାତ୍ରେ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ।

**ପ୍ରଶ୍ନ**—ଜଣେ ଝିଅକୁ ମୋ ମନର କଥା ଅନେକ ଥର କହିସାରିଲିଣି। ସେ ଶୁଣି ହସି ଦେଉଛି। କ'ଣ କରିବି ? *-ଅମର, ରାଉରକେଲା*

**ଉତ୍ତର:** ସେ ଝିଅ ଆପଣଙ୍କ କଥା ଶୁଣି ହସି ଦେଉଛି, ଏଥିରୁ ଅନୁମାନ କରିହେଉଛି ଯେ ଦୁଇ ପଟରୁ ଗ୍ରୀନ୍ ସିଗନାଲ ରହିଛି। କିନ୍ତୁ ଆପଣଙ୍କ ପ୍ରେମର ଗାଡି ଗୋଟିଏ ଜାଗାରେ ଠିଆ ହୋଇଛି। ଯେତେଶୀଘ୍ର ତାହାର କାରଣ ଖୋଜନ୍ତୁ। ନ ହେଲେ ଦିନ ଆସିବ, ସେଭଳି ପ୍ରେମ, ସ୍ୱାଦହୀନ, ରଙ୍ଗହୀନ ହୋଇପଡିବ।

**ପ୍ରଶ୍ନ**—ଝିଅଙ୍କ ନଖରାମିରେ ପ୍ରେମ ଲୁଚି ରହିଥାଏ କି ?

*-ବିଜୟ, ସୁନାବେଡା*

**ଉତ୍ତର:** କେତେକ ସୁନ୍ଦରୀ ପ୍ରେମର ଆରମ୍ଭରେ ନଖରାମି କରନ୍ତି। ହେଲେ ବେଳେବେଳେ ସେହି ନଖରାମିରେ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେକ ତାହାକୁ ସିରିୟସଲି ନିଅନ୍ତି ଆଉ ପ୍ରେମ ବିଷୟରେ ଅନେକ ନେଗେଟିଭ କଥା ଭାବନ୍ତି। ପ୍ରେମର ଆରମ୍ଭରେ ପ୍ରେମିକାର ନଖରାମିକୁ ଟିକେ ହାଲକା ଭାବରେ ନିଅନ୍ତୁ। ତାହାର ସେହି ନଖରାମି ପଛରେ ଥିବା କାରଣକୁ ନ ଖୋଜି ସେଇଠୁ ହିଁ ଅସଲ ପ୍ରେମର ସୂତ୍ର ଆପଣାନ୍ତୁ।







# ନୃତ୍ୟରେ ପରିବେଶ ସଚେତନତା

**ଗ**ଞ୍ଜାମ ଜିଲା ଘୁମୁସର ଭଞ୍ଜଭୂମିର ଐତିହ୍ୟ ସଂସ୍କୃତି ଓ ପରମ୍ପରା ସ୍ୱତନ୍ତ୍ର। ଏହି ଅଞ୍ଚଳର ଲୋକନୃତ୍ୟ, ଲୋକକଳା ଓ ଲୋକ ସଙ୍ଗୀତ ଦେଶବିଦେଶରେ ପରିଚିତ। ସେଥିମଧ୍ୟରୁ ପ୍ରାଣୀମୁଖା ଲୋକନୃତ୍ୟ କେବଳ ରାଜ୍ୟ କାହିଁକି ଦେଶ ତଥା ଅନ୍ତର୍ଜାତୀୟସ୍ତରରେ ବେଶ୍ ନାଁ କମାଇଛି। ଏହି ଲୋକନୃତ୍ୟକୁ ନେଇ ଅନେକ କଥା ରହିଛି। ସର୍ବୋପରି ଦିନକୁ ଦିନ ଜଙ୍ଗଲ କ୍ଷୟ ସାଙ୍ଗକୁ ବନ୍ୟଜନ୍ତୁଙ୍କ ପ୍ରତି ଉପୁଜିଥିବା ବିପଦକୁ ହ୍ରାସ କରିବା ଏବଂ ଜଙ୍ଗଲୀ ଜନ୍ତୁଙ୍କ ସୁରକ୍ଷା ପାଇଁ ଜନ ସଚେତନତା ସୃଷ୍ଟି କରାଇବା ଉଦ୍ଦେଶ୍ୟରେ ଏହା ଏକ ଭିନ୍ନ ମାଧ୍ୟମ ପାଲଟିଛି। ଗଞ୍ଜାମର ପ୍ରାଣୀମୁଖା ନୃତ୍ୟର ଉତ୍ପତ୍ତି ସମ୍ପର୍କରେ ବହୁ କିମ୍ବଦନ୍ତୀ ରହିଛି ; ଯାହା ଉକ୍ତ କଳାକାରଙ୍କଠାରୁ ଶୁଣିବାକୁ ମିଳେ। ଆଦିମ ଯୁଗରେ ମଣିଷ ଯେତେବେଳେ ବଣ ଜଙ୍ଗଲରେ ବାସ କରୁଥିଲା ସେତେବେଳେ ବାଘ, ଭାଲୁ, ସିଂହ ଆଦି ହିଂସ୍ର ଜୀବଜନ୍ତୁଙ୍କ ଦ୍ୱାରା ଶିକାର ହେଉଥିଲା। ତେବେ ସେମାନଙ୍କ କବଳରୁ ମଣିଷ ନିଜକୁ ରକ୍ଷା କରିବା ଲାଗି ଅବିକଳ ଭାବେ ବନ୍ୟ ପ୍ରାଣୀଙ୍କ ଭଳି ବିଭିନ୍ନ ବେଶଭୂଷାରେ ସଜେଇ ହୋଇ ବଣରେ ଘୂରି ବୁଲିଲେ। ପୁଣି ଯେତେବେଳେ ମହାମାରୀ ରୋଗ ଓ ଫସଲରୁ ରୋଗପୋକ ମୁକ୍ତ ପାଇଁ ଠାକୁରାଣୀ ଯାତ୍ରା କରାଯାଉଥିଲା ଲୋକମାନେ ଠାକୁରାଣୀଙ୍କୁ ଗାଁରେ ପୂଜାର୍ଚ୍ଚନା କରି ବିଭିନ୍ନ ଯାନିଯାତ୍ରା ଆୟୋଜନ କରୁଥିଲେ। ବିଭିନ୍ନ ଦେବଦେବୀଙ୍କ ବାହନ ଭାବେ ବାଘ, ସିଂହ ଓ ବୃଷଭ ପ୍ରଭୃତିଙ୍କ ଅବିକଳ ବେଶଭୂଷାରେ ସଜିତ ହୋଇ ଏହି ନୃତ୍ୟ ପରିବେଷଣ କରୁଥିଲେ। ସେହି ସମୟରୁ ପ୍ରାଣୀମୁଖା ନୃତ୍ୟ ଜନ୍ମ ହୋଇଥିବା କୁହାଯାଏ। ଯାହା ମଧ୍ୟରେ ବାଘ ନୃତ୍ୟ ପରମ୍ପରା ଅତି ପ୍ରାଚୀନ। ଏହାର ସ୍ୱତନ୍ତ୍ରତା ମଧ୍ୟ ରହିଛି। ଏହି ଜିଲାର ବଡ଼କୋଦଣ୍ଡା, ବରଗାଁ, ଭେଜିପୁଟ, ଭଞ୍ଜନଗର ରେନକ୍ରସ ରୋଡସାହି, ଜଗନ୍ନାଥ ପ୍ରସାଦ, ବୁଗୁଡ଼ା, ଦିଗପହଣ୍ଡି, ଶେରଗଡ଼, ଧରାକୋଟ,ବାଲିପଦର ଆଦି ଅଞ୍ଚଳରେ ଏହି ନୃତ୍ୟ ଦେଖିବାକୁ ମିଳେ। ଏହି ନୃତ୍ୟରେ ବିଶେଷକରି ଘୋଡ଼ା, ବାଘ, ସିଂହ, ହରିଣ, ମୟୂର, ବୃଷଭ ଆଦି ରୂପରେ କଳାକାରମାନେ ସଜ୍ଜିତ ହୋଇ ନୃତ୍ୟ କରିଥାନ୍ତି। ଭଞ୍ଜନଗରର ବିଶ୍ୱ ଜନନୀ କଳାପରିଷଦର ସମ୍ପାଦକ ଜଗଦୀଶ ପାଣିଗ୍ରାହୀ କୁହନ୍ତି, ୧୯୮୭ମସିହାରେ ଏହି ଅନୁଷ୍ଠାନ ଆରମ୍ଭ ହୋଇଥିଲା। ଏଥିରେ ପ୍ରାୟ ୩୨ଜଣ ସଦସ୍ୟ ଅଛନ୍ତି। ପୂର୍ବରୁ ଗାଁରେ ଆୟୋଜିତ ଦଶହରା ଭସାଣି ବେଳେ ପଟୁଆର ପାଇଁ ଅନ୍ୟ ଅଞ୍ଚଳର କଳାକାରମାନେ ଆମ ଗାଁକୁ ଆସୁଥିଲେ। ବହୁତ ଖର୍ଚ୍ଚ ହେଉଥିଲା। ତେଣୁ ଆମେ ନୃତ୍ୟ କରିବାକୁ ଚାହିଁଲୁ। ନୃତ୍ୟଗୁରୁ ଭାବେ ଶାନ୍ତନୁ କୁମାର ଦାସ ପ୍ରଶିକ୍ଷଣ ଦେଲେ। ତା'ପରେ କଳାକାରମାନେ ଆମ ଗାଁ ସହ ଅନ୍ୟ ଅଞ୍ଚଳକୁ ଯାଇ ନୃତ୍ୟ ପରିବେଷଣ କଲେ। ଏହି ନୃତ୍ୟର ବିଶେଷତ୍ୱ ହେଲା, ଏଥିରେ କଳାକାରମାନେ ବିଭିନ୍ନ ଜୀବଜନ୍ତୁ ଓ ପକ୍ଷୀଙ୍କ ମୁଖାକୁ ପିନ୍ଧିବା ସହ ପାରମ୍ପରିକ ଢୋଲ ଓ ଟାଙ୍ଗୁ ବାଦ୍ୟର ତାଳେ ତାଳେ ନୃତ୍ୟ ପରିବେଷଣ କରିଥାନ୍ତି। ନୃତ୍ୟବେଳେ ଶରୀରରେ ହସ୍ତକଳା, ମୁଖାରେ ଚିତ୍ରକଳା ଓ ନୃତ୍ୟକଳାକୁ ଦେଖାଇଥାନ୍ତି। ଏଥିରେ ଗୁରୁଶିଷ୍ୟ ପରମ୍ପରା ଦେଖିବାକୁ ମିଳେ। ଏହା ହିଁ ସ୍ୱତନ୍ତ୍ର। ବିଶେଷକରି ଦୋଳ ପୂର୍ଣ୍ଣିମା, ରାସ ପୂର୍ଣ୍ଣିମା, ଠାକୁରାଣୀ ଯାତ୍ରା, ଚଇତି ଯାତ୍ରା ସମୟରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଏହି ନୃତ୍ୟ କରାଯାଇଥାଏ। ଭିନ୍ନଭିନ୍ନ ଅଞ୍ଚଳର କଳାକାରଙ୍କ ଦ୍ୱାରା ପ୍ରାଣୀମୁଖା ନୃତ୍ୟ ପ୍ରତିଯୋଗିତା ଚାଲେ। ଏହି ନୃତ୍ୟ ଦେଖିବାକୁ ବିଭିନ୍ନ ଅଞ୍ଚଳରୁ ଲୋକମାନେ ଆସିଥାନ୍ତି । ଏବେ ଆମ କଳାପରିଷଦର କଳାକାରମାନେ ଦେଶର ବିଭିନ୍ନ ରାଜ୍ୟକୁ ଯାଇ ଏହି ନୃତ୍ୟ ପରିବେଷଣ କରୁଛନ୍ତି। ଯାହା ମଧ୍ୟରେ ପଞ୍ଜାବ, ହରିୟାଣା, ବିହାର, ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଉତ୍ତର ପ୍ରଦେଶ, ସିକିମ, ଆସାମ, କର୍ନାଟକ ଆଦି ଅନ୍ୟତମ। ୨୦୦୩, ୨୦୧୫ ଓ ୨୦୨୫ ମସିହାରେ ନୂଆଦିଲ୍ଲୀର କର୍ତ୍ତବ୍ୟ ପଥରେ ସାଧାରଣତନ୍ତ୍ର ଦିବସରେ ପ୍ରାୟ ୧୬ଜଣ କଳାକାରଙ୍କୁ ନେଇ ନୃତ୍ୟ ପରିବେଷଣ କରିଥିଲୁ। ଆଜକୁ ପ୍ରାୟ ୪୦ବର୍ଷ ଧରି ମୁଁ ଏହି ନୃତ୍ୟକଳାରେ ରହିଛି। ଗଞ୍ଜାମ ଜିଲାର ଭିନ୍ନଭିନ୍ନ ଅଞ୍ଚଳର ପ୍ରାୟ ୩ଶହ ପ୍ରାଣୀମୁଖା ନୃତ୍ୟ କଳାକାର ଏହି ଲୋକକଳାକୁ ବଞ୍ଚାଇ ରଖିଛନ୍ତି। ସେହିପରି ଭଞ୍ଜନଗର ନିକଟସ୍ଥ ଭେଜିପୁଟ ଗ୍ରାମରେ ଥିବା ଉପେନ୍ଦ୍ରଭଞ୍ଜ ଲୋକନୃତ୍ୟ ପରିଷଦର ନିର୍ଦ୍ଦେଶକ ତଥା ଗୁରୁ ନାରାୟଣ ମହାରଣା କୁହନ୍ତି, ମୋ ପିଲାଦିନେ ବାପା,ଜେଜେଙ୍କ ସମୟରେ ଗାଁରେ ଆୟୋଜିତ ବିଭିନ୍ନ ଯାତ୍ରା ଓ ଠାକୁରାଣୀ ଯାତ୍ରାରେ ଏହି ନୃତ୍ୟ କରାଯାଉଥିଲା। ଠାକୁରାଣୀ ଯାତ୍ରାରେ ଯେତେବେଳେ ଏହି ପ୍ରାଣୀମୁଖା ନୃତ୍ୟକୁ ଦେଖିଲି ସେତେବେଳେ ମୋ ମନରେ ଏକପ୍ରକାର ଭାବନା ଆସିଥିଲା ଯେ, ଜୀବଜନ୍ତୁ ଓ ଗଛଲତାଙ୍କ ସୁରକ୍ଷା ପାଇଁ ଏହି ନୃତ୍ୟ ଭଲ ବାର୍ତ୍ତା ଦେଇପାରିବ। ଏଥିପାଇଁ ପ୍ରୟାସ କଲି। ଯୋଗକୁ ୧୯୮୭ ମସିହାରେ ସୋଭିଏଟ ରୁଷଠାରେ ଆୟୋଜିତ ଭାରତ ଉତ୍ସବରେ ପ୍ରଥମେ ବାଘନୃତ୍ୟ ପରିବେଷଣ କରିଥିଲୁ। ପରେ ପ୍ୟାରିସ, ଇଂଲଣ୍ଡ, ଜର୍ମାନୀ ଓ ନ୍ୟୁଜିଲାଣ୍ଡ ଆଦି ବିଦେଶୀ ରାଷ୍ଟ୍ରରେ ଆୟୋଜିତ ଅନ୍ତର୍ଜାତୀୟ ଉତ୍ସବରେ ଯୋଗଦେଇ ବାଘନୃତ୍ୟ କରିଥିଲୁ ; ଯାହା ଆମଦେଶ ଓ ରାଜ୍ୟର ସୁନାମକୁ ଆଗକୁ ନେଇଛି। ଗଞ୍ଜାମ ଲୋକକଳାରେ ସ୍ୱତନ୍ତ୍ର ପରିଚୟ ରଖୁଥିବା ଏହି ନୃତ୍ୟ କେବଳ ମନୋରଞ୍ଜନ ଦିଏ ନାହିଁ ବରଂ ଦେଶ ଦେଶ ମଧ୍ୟରେ ସମ୍ପର୍କର ସେତୁ ସୃଷ୍ଟି କରିବାର ପ୍ରୟାସ କରିଥାଏ।

*-ବନବିହାରୀ ବେହେରା*







ଜ୍ୟୋତିର୍ମୟୀ

## ହାଃ ହାଃ

### ଶୁଦ୍ଧ

ଗୋପୀ ରାଜୁକୁ: କହିଲୁ ଦେଖି ସବୁଠୁ ଶୁଦ୍ଧ ଓ ବିନା ଭେଜାଲର ଜିନିଷ କିଏ ଦେଉଛି ?
ରାଜୁ ଟିକେ ଭାବି: ବିଦ୍ୟୁତ ବିଭାଗ ।
ଗୋପୀ: କେମିତି ?
ରାଜୁ: ହାତ ଲଗେଇ କି ଦେଖ୍ । ଜଣାପଡ଼ିଯିବ ।

### ମଙ୍କି

ମୁନୁ କୁ ସାର୍: ମାଙ୍କଡ଼କୁ ଇଂଲିଶରେ କ'ଣ କହନ୍ତି ।
ମୁନୁ ଟିକେ ଭାବି: ମଙ୍କି...
ସାର୍: ବହିକୁ ଦେଖିକି କହିଦେଲୁନା ?
ମୁନୁ: ନାଇଁ, ସାର ମୁଁ ତ ଆପଣଙ୍କୁ ଦେଖିକି କହିଲି ।


### ଭୁଲ୍

ରାମୁ ମୋହନକୁ ଗୋଟେ ଚାପୁଡା ମାରିଲା ।
ମୋହନ: ମୋର ଭୁଲ୍ କ'ଣ ? କାହିଁକି ମତେ ତୁ ଚାପୁଡ଼ା ମାରିଲୁ ?
ରାମୁ: ତୁ କିଛି ଭୁଲ କରିବା ପର୍ଯ୍ୟନ୍ତ କ'ଣ ଅପେକ୍ଷା କରିଥାନ୍ତି ? ଇଛା ହେଲା ମାରିଦେଲି ।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ । ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ ।

# ଟିକେ ନିଆରା ଏ ହୋଲି



**ହୋଲି ପର୍ବକୁ ଆମ ଦେଶରେ ଖୁବ୍ ଧୂମ୍‌ଧାମ୍‌ରେ ପାଳନ କରାଯାଇଥାଏ। ଏହା କେବଳ ରଙ୍ଗର ଏକ ପର୍ବ ନୁହେଁ ବରଂ ମଜାମସ୍ତି, ସ୍ନେହ, ଶ୍ରଦ୍ଧା, ଆନନ୍ଦ ଉଲ୍ଲାସର ଏକ ଉତ୍ସବ ଅଟେ। ମଥୁରା-ବୃନ୍ଦାବନାରୁ ଆରମ୍ଭ କରି ଜୟପୁର-ଉଦୟପୁର ଏପରିକି ଗୋଆ ତଥା ଭାରତର ଅନ୍ୟ ସ୍ଥାନରେ ବି ଏହି ପର୍ବକୁ କିଛିଟା ଭିନ୍ନ ଢଙ୍ଗରେ ପାଳନ କରାଯାଇଥାଏ। ଜାଣନ୍ତୁ ସେମିତି କିଛି ସ୍ଥାନ ସମ୍ପର୍କରେ...**

**ମଥୁରା-ବୃନ୍ଦାବନ:** କୃଷ୍ଣନଗରୀ ବା କୃଷ୍ଣଙ୍କ ଜନ୍ମଭୂମି ଭାବେ ପରିଚିତ ଉତ୍ତରପ୍ରଦେଶର ମଥୁରା ଜିଲା ଅନ୍ତର୍ଗତ ମଥୁରାଠାରେ ତଥା କୃଷ୍ଣଙ୍କର ବାଲ୍ୟଜୀବନ ବିତିଥିବା ବୃନ୍ଦାବନଠାରେ ପ୍ରତିବର୍ଷ ହୋଲି ଉତ୍ସବକୁ ଖୁବ୍ ଧୂମ୍‌ଧାମ୍‌ରେ ପାଳନ କରାଯାଇଥାଏ। ଏଠାରେ ଉଭୟ ରଙ୍ଗ ଏବଂ ଫୁଲରେ ହୋଲି ଖେଳା ଯାଏ ; ଯାହାର ଅପୂର୍ବ ଦୃଶ୍ୟକୁ ଉପଭୋଗ କରିବାକୁ ଏଠାରେ ପର୍ଯ୍ୟଟକଙ୍କର ଖୁବ୍ ଗହଳି ଜମେ।

**ବରସାନା:** ଉତ୍ତର ପ୍ରଦେଶର ମଥୁରା ଜିଲା ଅନ୍ତର୍ଗତ ଏକ ଐତିହାସିକ ସହର ହେଉଛି ବରସାନା। ଏହା ରାଧାରାଣୀଙ୍କର ଜନ୍ମସ୍ଥାନ ଭାବେ ମଧ୍ୟ ପରିଚିତ। ଏଠାରେ ହୋଲି ଉତ୍ସବକୁ ଲଠ୍‌ମାର୍ ହୋଲି ଭାବେ ପାଳନ କରାଯାଇଥାଏ। ପ୍ରତିବର୍ଷ ହୋଲି ଅବସରରେ ନନ୍ଦଗାଁରୁ କିଛି ଯୁବକ ବରସାନାର ମହିଳାମାନଙ୍କୁ ରଙ୍ଗ ଲଗାଇବା ପାଇଁ ଆସିଥାନ୍ତି। ପ୍ରତି ବଦଳରେ ବରସାନାର ମହିଳାମାନେ ଲାଠି ଧରି ସେମାନଙ୍କୁ ପିଟିବାକୁ ଗୋଡାଇଥାନ୍ତି। ଆଉ ସେମାନେ ଢାଲ ଦ୍ୱାରା ନିଜକୁ ରକ୍ଷା କରିବାକୁ ଚେଷ୍ଟା କରିଥାନ୍ତି। କୁହାଯାଏ, ଏହି ପରମ୍ପରା ରାଧାକୃଷ୍ଣଙ୍କ ସମୟରୁ କୁଆଡ଼େ ଏଠାରେ ପାଳିତ ହୋଇ ଆସୁଅଛି। ଏହି ଖେଳରେ ରାଗ, ରୁଷା କି ମାନ ଅଭିମାନ ନଥାଏ ବରଂ ଏଥିରେ ଆନ୍ତରିକତାଭାବ ଦେଖିବାକୁ ମିଳିଥାଏ ; ଯାହାର ଆନନ୍ଦ ନେବା ପାଇଁ ଦୂରଦୂରାନ୍ତରୁ ପର୍ଯ୍ୟଟକ ଏଠାକୁ ଧାଇଁ ଆସିଥାନ୍ତି।

**ବିହାର:** ଏଠାରେ ହୋଲି ଉତ୍ସବକୁ ଫଗୁଆ ବୋଲି ବି କୁହାଯାଇଥାଏ। ସ୍ଥାନୀୟ ଲୋକେ ପାରମ୍ପରିକ ହୋଲି ଗୀତ ବା ଫଗୁଆ ଗୀତ ଗାଇ ଏହି ଉତ୍ସବକୁ ବେଶ୍ ଧୂମ୍‌ଧାମ୍‌ରେ ପାଳନ କରିଥାନ୍ତି। କେହି କେହି ଏଠାରେ କୁର୍ତ୍ତା ଫାଡ୍ ହୋଲି ବି ଖେଳିଥାନ୍ତି। ଅର୍ଥାତ୍ ହୋଲି ଅବସରରେ ରଙ୍ଗ ଖେଳିବା ସହ ସ୍ଥାନୀୟ ଲୋକେ ପରସ୍ପର ପରସ୍ପରର ପୋଷାକକୁ ଫାଡି ନିଆରା ମଜା ନେଇଥାନ୍ତି। କେବଳ ସେତିକି ନୁହେଁ, ବିହାରର କିଛି ଗାଁରେ କାଦୁଅ ତଥା ଗୋବରରେ ମଧ୍ୟ ହୋଲି ଖେଳିବାର ନିଆରା ପରମ୍ପରା ଦେଖିବାକୁ ମିଳିଥାଏ।

**ଶାନ୍ତି ନିକେତନ:** ପଶ୍ଚିମବଙ୍ଗର ଶାନ୍ତି ନିକେତନରେ ହୋଲି ଉତ୍ସବକୁ ବସନ୍ତ ଉତ୍ସବ ଭାବେ ପାଳନ କରାଯାଇଥାଏ। ଏହି ପବିତ୍ର ଅବସରରେ ଶାନ୍ତି ନିକେତନର ଅନ୍ତେବାସୀମାନେ ପାରମ୍ପରିକ ପୋଷାକ ପରିଧାନ କରି ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥାନ୍ତି। ତା'ସହିତ ହୋଲି ବି ଖେଳିଥାନ୍ତି। ଏଠାରେ ହୋଲିର ପୂର୍ବଦିନରୁ ହିଁ ଏଥିପାଇଁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଯାଇଥାଏ।













**ଜୟପୁର-ଉଦୟପୁର:** ରାଜସ୍ଥାନର ଜୟପୁର, ଉଦୟପୁରରେ ବି ହୋଲି ପର୍ବକୁ ଖୁବ୍ ଧୂମ୍‌ଧାମ୍‌ରେ ପାଳନ କରାଯାଇଥାଏ। ବିଶେଷକରି ଏଠାରେ ପାଳିତ ହେଉଥିବା ରୟାଲ୍ ହୋଲିର ନିଆରା ଦୃଶ୍ୟ ଦେଖିବାକୁ ବେଶ୍ ମନୋରମ ଲାଗିଥାଏ। ସେହିପରି ଜୟପୁରର କିଛି ସ୍ଥାନରେ ଗୁଲାଲ ଗୋଟେରେ ଖେଳାଯାଉଥିବା ହୋଲି ବି ବେଶ୍ ନିଆରା ହୋଇଥାଏ। ଲଡ୍ଡୁ ଆକାରର ଦେଖାଯାଉଥିବା ଏହି ଗୁଲାଲ ଗୋଟେ ଭିତରେ ଫଗୁ ବା ଅବିର ଭରି ରହିଥାଏ। ଏହାକୁ ହୋଲି ଦିନ ପରସ୍ପର ପରସ୍ପରକୁ ଫିଙ୍ଗିଥାନ୍ତି। ଏହି ଗୁଲାଲ ଗୋଟେ ଏତେ ହାଲ୍‌କା ହୋଇଥାଏ ଯେ, କାହା ଦେହରେ ବାଜିବା ମାତ୍ରେ ହିଁ ଏହା ଫାଟିଯାଇ ସେଥିରୁ ରଙ୍ଗିନ୍ ଫଗୁ ସବୁ ଚାରିଆଡ଼େ ବିଛୁରିତ ହୋଇ ଏକ ଅପୂର୍ବ ଦୃଶ୍ୟ ସୃଷ୍ଟି କରିଥାଏ।

**ହାମ୍ପି:** କର୍ନାଟକର ହାମ୍ପିରେ ପାଳିତ ହେଉଥିବା ହୋଲି ଉତ୍ସବ ବି ଦେଶବିଦେଶରେ ବେଶ୍ ଲୋକପ୍ରିୟତା ହାସଲ କରିପାରିଛି। ପ୍ରତିବର୍ଷ ଏହି ଉତ୍ସବକୁ ଏଠାରେ ଖୁବ୍ ଧୂମ୍‌ଧାମ୍‌ରେ ପାଳନ କରାଯାଇଥାଏ। ଏଠାକାର କିଛି ସ୍ଥାନରେ ଦୁଇଦିନ ଧରି ହୋଲି ଉତ୍ସବକୁ ପାଳନ କରିବାର ଏକ ନିଆରା ବିଧି ବି ଦେଖିବାକୁ ମିଳେ।

କେବଳ ଏହିସବୁ ସ୍ଥାନ ନୁହେଁ, ଦେଶର ଅନ୍ୟ କେତେକ ସ୍ଥାନରେ ବି ହୋଲି ଉତ୍ସବକୁ ବେଶ୍ ନିଆରା ଢଙ୍ଗରେ ପାଳନ କରାଯାଇଥାଏ ; ଯେଉଁଠାକୁ ବୁଲିଯାଇ ପର୍ଯ୍ୟଟକ କିଛିଟା ଭିନ୍ନ ଅନୁଭୂତି ସାଉଁଟିପାରିବେ।



# ପିଚକାରି



**ପିଚକାରିରେ ରଙ୍ଗ ଖେଳିବାର ମଜା ହିଁ ଅଲଗା । ସେଇଥିପାଇଁ ତ ଏହା ସମସ୍ତଙ୍କର ଏତେ ପ୍ରିୟ। ହେଲେ ଜାଣନ୍ତି କି ରଙ୍ଗ ଖେଳକୁ ମଜାଦାର କରୁଥିବା ଏହି ପିଚକାରିର ବ୍ୟବହାର କେବେଠୁ ହେଉଛି? ଜାଣନ୍ତୁ ସେ ସମ୍ପର୍କରେ...**

**ହୋ**ଲି ହେଉଛି ରଙ୍ଗର ପର୍ବ। ଆଉ ଏଇ ରଙ୍ଗର ଖେଳ ବିନା ପିଚକାରିରେ କ'ଣ ସମ୍ଭବ ? ତେବେ ଜାଣନ୍ତି କି ହୋଲିକୁ ମଜାଦାର କରୁଥିବା ଏହି ପିଚକାରିର ବ୍ୟବହାର କେବେଠୁ ହେଉଛି ?

ଯଦିଓ ପିଚକାରିର ପ୍ରୟୋଗ କେବେଠାରୁ ଆରମ୍ଭ ହୋଇଛି ତାହାର କୌଣସି ସଠିକ୍ ଐତିହାସିକ ଦସ୍ତାବିଜ ନାହିଁ। ତେବେ ପୌରାଣିକ କଥାନୁସାରେ ସର୍ବପ୍ରଥମେ ଶ୍ରୀକୃଷ୍ଣ ପିଚକାରିର ବ୍ୟବହାର କରିଥିବା କୁହାଯାଏ। ଶ୍ରୀକୃଷ୍ଣ ବହୁତ ନଟଖଟ୍ ଥିଲେ। ହୋଲିରେ ଥରେ ରାଧା ଲାଜ କରି ଖେଳିବାକୁ ପଛଘୁଞ୍ଚା ଦେଉଥିଲେ। ଏହାଦେଖି ଶ୍ରୀକୃଷ୍ଣ ଖଣ୍ଡେ ଫମ୍ପା ବାଉଁଶରେ ରଙ୍ଗ ଭରି ରଙ୍ଗ ଛାଟିଥିଲେ। ସେବେଠାରୁ ପିଚକାରିର ଆରମ୍ଭ ବୋଲି ବିଶ୍ୱାସ ରହିଛି। ପରେ ଧୀରେ ଧୀରେ ଏହି ପିଚକାରିର ଲୋକପ୍ରିୟତା ଚାରିଆଡ଼େ ବ୍ୟାପିବାକୁ ଲାଗିଲା।

ଏହାବାଦ ମିଳିଥିବା କିଛି ପ୍ରମାଣରୁ ଜଣାପଡିଛି ଯେ, ପ୍ରାଚୀନ କାଳରେ ପ୍ରାଣୀଙ୍କ ଶିଙ୍ଗକୁ ଭିତରୁ ଫମ୍ପା କରି ପିଚକାରି ତିଆରି କରାଯାଉଥିଲା। ଫମ୍ପା ବାଉଁଶରେ ବି ପିଚକାରି ତିଆରି କରାଯାଉଥିଲା। ଆଉ ରଙ୍ଗପାଣିକୁ ଚାପ ଦେବାଲାଗି ଏକ ଗୋଲାକାର ବସ୍ତୁ ବ୍ୟବହାର କରାଯାଉଥିଲା। ଯଦ୍ଦ୍ୱାରା କି ଚାପ ପାଇ ରଙ୍ଗ ପାଣି ଅନ୍ୟ ଉପରେ ପଡୁଥିଲା। ସେହି ପିଚକାରିରେ ପଳାଶ ଫୁଲର ରଙ୍ଗିନ ଜଳ ରଖା ଯାଉଥିଲା। ଫଳରେ ଜଳ ସୁଗନ୍ଧିତ ହେବା ସହ ଦେଖିବାକୁ ସୁନ୍ଦର ଲାଗୁଥିଲା। ଏହି ଜଳ କୀଟାଣୁନାଶକ ବି ଥିଲା। ଏହାବାଦ ରଙ୍ଗିନ ଜଳ ପାଇଁ ଚନ୍ଦନ, କୁମକୁମ, କେଶର, ଗୋଲାପ ଜଳ, କିଆଫୁଲର ବ୍ୟବହାର ବି ପ୍ରଚୁର ହେଉଥିଲା।



ରଘୁବଂଶମ୍‌ରେ କାଳୀଦାସ ହୋଲି ସମ୍ପର୍କରେ କହିଛନ୍ତି ଯେ, ଧନୀ ଲୋକମାନେ ସୁନା ପିଚକାରିରେ ରଙ୍ଗ ମାରୁଥିଲେ। ଏହି ସମୟରେ ପିଚକାରିରେ ବହୁ କାରୁକାର୍ଯ୍ୟ କରାଯାଉଥିଲା। ଫଳରେ ବହୁତ ଧନ ଖର୍ଚ୍ଚ କରାଯାଉଥିଲା। ସୁନା, ରୁପାରେ ତିଆରି ହେଉଥିବା ପିଚକାରିକୁ କାରିଗର ବହୁ ଦିନ ଆଗରୁ ତିଆରି କରିବା ଆରମ୍ଭ କରିଦେଉଥିଲେ। ଧନୀ ବ୍ୟକ୍ତିମାନେ ପିଚକାରିରେ ଯେଉଁଭଳି କାରିଗରି ଚାହୁଁଥିଲେ ସେହିଭଳି ଡିଜାଇନ କାରିଗର କରୁଥିଲେ। କିଛି ପିଚକାରି ରତ୍ନ ଜଡ଼ିତ ହେବାସହ ଓ ସେଗୁଡ଼ିକର ଅଗ୍ରଭାଗ ମାଛ, ସୁରେଇ, ମଗର, ହାତୀଶୁଣ୍ଢ, ସର୍ପାକାର ଭଳି ଆକାର ଦିଆଯାଉଥିଲା। ପିଚକାରି ସେ ସମୟରେ ବ୍ୟକ୍ତିଙ୍କ ସାମାଜିକ ପ୍ରତିପତ୍ତିକୁ ଦର୍ଶାଉଥିଲା। ଲୋକେ ନିଜର ସାମର୍ଥ୍ୟ ଅନୁସାରେ କୁଶଳ କାରିଗରଙ୍କ ଦ୍ୱାରା ପିଚକାରି ତିଆରି କରାଉଥିଲେ। କଂସା, ପିତ୍ତଳରେ ବି ପିଚକାରି ତିଆରି କରାଯାଉଥିଲା। ପିଚକାରି ମୋଗଲ ସମେତ ଅନେକ ରାଜ ପରିବାରର ଅଭିନ୍ନ ଅଙ୍ଗ ଥିଲା।

ତେବେ କୌତୂହଳର କଥା ଯେ, ଶହ ଶହବର୍ଷ ଧରି ପିଚକାରି ଭାରତୀୟ ହୋଲି ଖେଳର ଅଭିନ୍ନ ଅଙ୍ଗ ରହି ଆସିଥିବାବେଳେ ୧୮୯୬ରେ ଲୋନି ଜନ୍‌ସନ୍‌ଙ୍କୁ ପିଚକାରି ତଥା ୱାଟର ଗନ୍‌ର ପେଟେଣ୍ଟ ମିଳିଛି।



# ସବୁଠୁ ଛୋଟ ହେଲିକପ୍ଟର

**ହେ**ଲିକପ୍ଟର ପ୍ରାୟ ସମସ୍ତେ ଦେଖିଥିବେ। ହେଲେ ଏଠି ଯେଉଁ ହେଲିକପ୍ଟର କଥା କୁହାଯାଉଛି ତାହା ଖୁବ୍ ଭିନ୍ନ। ମାତ୍ର ଜଣେ ବସିପାରୁଥିବା ଏହି ହେଲିକପ୍ଟରର ନାଁ ହେଉଛି ଜେନ୍ ଏଚ୍-୪। ଜାପାନର ଜେନ୍ କର୍ପୋରେଶନ୍ ନାମକ ଏକ ଇଲେକ୍ଟ୍ରୋନିକ କମ୍ପାନୀ ହେଉଛି ଏହାର ନିର୍ମାତା। ୭୫ କି.ଗ୍ରା. ବିଶିଷ୍ଟ ଉକ୍ତ ଏୟାରକ୍ରାଫ୍ଟ ପୃଥିବୀର ସବୁଠୁ ଛୋଟ ହେଲିକପ୍ଟରର ମାନ୍ୟତା ପାଇଛି। ଏଥିରେ ଦୁଇଟି ରୋଟର୍‌ର ଏକ ସେଟ୍ ଅଛି। ଆଉ ଏହା ଘଣ୍ଟା ପ୍ରତି ୫୦ କି.ମି. ବେଗରେ ଉଡ଼ିପାରେ। ଏଥିରେ ଏକ ଚେୟାର, ଫୁଟ୍ ରେଷ୍ଟ ଓ ହ୍ୟାଣ୍ଡେଲ ବାର୍ ଅଛି। ଏହାର ଡେଭଲପର୍ ଜେନାଇ ୟାନାଗିସାୱା କହନ୍ତି, ''ଉକ୍ତ ହେଲିକପ୍ଟରର କନସେପ୍ଟ ଇଟାଲୀରୁ ଆସିଥିଲା। ତେଣୁ ଏହାର ପ୍ରଥମ ଉଡାଣରେ ମୁଁ ଭିନ୍ସି ଯିବାକୁ ଚାହୁଁଥିଲି, ଯାହାକି ଇଟାଲୀର ମହାନ୍ କଳାକାର ଓ ଉଦ୍ଭାବକଙ୍କୁ ମୋର ଶ୍ରଦ୍ଧାଞ୍ଜଳି ହେବ। ଆଉ ପ୍ରଥମ ଉଡାଣରେ ତାହା କରିପାରିଥିବାରୁ ବହୁତ ଆତ୍ମସନ୍ତୋଷ ମିଳିଥିଲା।''

## କଥା ଚାଟ୍



ଶ୍ରୀମାନ୍ ସର୍ବଗିଳା

# ନ୍ୟାଯ୍ୟ ଦାବି

ଆରେ ହେ, ତମେ ପରା କୁଆଡ଼େ ମଣିଷ ବୋଲି ଗର୍ବ କରି ଇନ୍ଦ୍ର-ଚନ୍ଦ୍ର ମାନୁନ ! ଦୟା, ଧର୍ମ, ମାନବିକତା, ବୁଦ୍ଧି ବିବେକ ତମଠି ଖୁନ୍ଦିହେଇ ଅଛି ବୋଲି ଅହିଂସା ପରମ ଧର୍ମ, ମଣିଷ ଦେହେ ଦିବ୍ୟଜ୍ଞାନ.. ଦେଖି ସନ୍ତୋଷ ଭଗବାନ, ଏମିତି କେଡ଼େ ବଡ଼ ବଡ଼ କଥା ଘୋଷି ହେଉଛ ! ଏଇ କ'ଣ ତମ ବିବେକ-ମହତ ? ବୁକୁ ଫଟା କାନ୍ଦଣା ସହିତ ଭୁକି ଭୁକି ବକି ଚାଲିଥିଲା କୁତ୍ତି, ସଞ୍ଜ ପ୍ରହରରେ । ଆରେ କେତେଦିନ ଆଉ ସହିବୁ ତମ ଅତ୍ୟାଚାର ! ଏହାର ସ୍ଥାୟୀ ପ୍ରତିକାର.. ଆମର ଦର୍କାର । ଆମେ ତମ ପାଇଁ ଦିନରାତି ଖଟି, ଅଇଁଠା ପତର ଚାଟି, ଅବୈତନିକ ଭାବେ ପଡ଼ିଆ ମଳ ସଫେଇକରି, ରାତ୍ରି ଜଗୁଆଳି ଭାବେ ପରଫେକ୍ଟ ଡିଉଟିକରି କ'ଣ ଜନମ ନେଇଛୁ ତମରି ହାତରେ ମରିବା ପାଇଁ ? କେବେ ଗଣିଲଣି ଆମକୁ ସଫେଇ କର୍ମଚାରୀ-ପରିବେଶ ରକ୍ଷାକାରୀ ଭାବରେ ନା ନାଇଟ ୱାଚର ଲେଖାରେ ? ଆମକୁ ପୁରସ୍କାର ଦେଉଛ ଗରମ ପେଜ ପାଣି ଢାଳି.. ଚମଡା ଉତ୍ତାରି ତ କେବେ ଠେଙ୍ଗାରେ ପ୍ରହାରି ତ କେବେ ବିକଳାଙ୍ଗ କରି ମାରୁଛ ଗାଡ଼ି ମଡ଼େଇ ! ଆରେ ହେ ! କି ଦୋଷ କରିଥିଲା ମୋ ଚାରି ମାସର ଛୁଆଟା ? ତୁ ଭେଣ୍ଡିଆ ଟୋକାଟା, ଗୋଟେ ଟୋକୀ କି ତୋ ମୋଟା ଚକିଆ ମୋଟରସାଇକେଲରେ ବସେଇ କୁଲୁ କୁଲୁ ହେଇ ଦ୍ରୁତ ବେଗରେ ଆସି ରାସ୍ତାକଡ଼ରେ ଛିଡ଼ା ହୋଇଥିବା ମୋ ଅଣ୍ଡିରା ଛୁଆ ଉପରେ ଚଢ଼େଇ ପଳେଇଗଲୁ ! ଲଜ୍ଜା ସରମ ନାହିଁ ତମକୁ ? ଶିକ୍ଷିତ ବୋଲେଇ ହେଉଛ ! ଜୀବେ ଦୟା ଭାଷଣମାରି ଅସଂଖ୍ୟ ଜୀବଜନ୍ତୁଙ୍କୁ ଚୋବେଇ ଖାଇଯାଉ ! ଯିଏ ତମ ପରିବେଶ ରକ୍ଷା କରୁଛନ୍ତି ପ୍ରକୃତି ବଞ୍ଚାଉଛନ୍ତି, ତାଙ୍କ ଜୀବନ ନେଉଛ ! ତମ ସର୍ବଗିଳା ପାଟି-ପେଟକୁ କେତେ ଛେଳି କୁକୁଡ଼ା ଗାଇଗୋରୁଠାରୁ ଚିଲିକା ଚଢ଼େଇ, ସମୁଦ୍ର କଇଁଛ, ଭୂ-ଚର, ଖେଚର, ଜଳଚର, ଗଛ ପତର, ଖଣି, ପାଣି ସବୁ ନିଅଣ୍ଟ ପଡୁଛି ! ତମ ପେଟରେ କ'ଣ ବ୍ରହ୍ମ ରାକ୍ଷସ ପଶିଛି ? ଯେତେ ଗିଳିଲେ ଭୋକ ମରୁନି ? ହେ ଜ୍ଞାନ-ଗର୍ବୀ ! କି ଦିବ୍ୟଜ୍ଞାନର ଇଏ କି ବିଚାର ? କ'ଣ ଅପରାଧ କରିଥିଲା ମୋ ପିଲା ଯେ ତାକୁ ଗାଡ଼ି ଚଢ଼େଇଲରେ ? ଯଦି ତମ ପିଲା ହୋଇଥାଆନ୍ତା, ଏତେବେଳକୁ କେତେ ଗାଡ଼ି ମୋଟର ପୋଡ଼ା ସରନ୍ତାଣି । ଓ.. ହୋ.. ଆମେ ମଣିଷ ନୁହଁ । ଆମର କ'ଣ ଆତ୍ମା ଅଛି ନା ଯନ୍ତ୍ରଣା ହେଉଛି କହିବାକୁ ପାଟି ଖୋଲୁଛି ଯେ ତମ ପଥର ହୃଦୟ ବିଦାରିବ ? ଖାଲି ତମରି ଭିତରେ ବ୍ରହ୍ମ ବସିଛନ୍ତି ! ନାଇଁ ?

ଏହା ଭିତରେ କୁତ୍ତିର ବିକଳ ରଡ଼ି ଶୁଣି ଶହେ ସରିକି କୁତ୍ତା କୁତ୍ତି ଜମା ହୋଇ ସାରିଥାନ୍ତି । ଏଇ ଦୁଃଖ କଥା କହିବ କାହାକୁ... ଶୁଣିବ ବା କିଏ ? ତଥାପି ଭେଣ୍ଡିଆ କୁତ୍ତାଙ୍କୁ ବିକଳହେଇ କହିଲା, ଆରେ ହେ ! ମୋ ଛୁଆକୁ ଟିକେ ଡାକତରଖାନା ନେଇ ଚାଲରେ ! ସେମାନେ ନୀରବ ରହିବା ଦେଖି କହିଲା, ତମ ଆଖିକି କ'ଣ କିଛି ଦିଶୁନି ? ଆହାଃ.. ବିଚରା କି କଷ୍ଟ ପାଇ ବିକଳ ହୋଇ, କାଉଁ କାଉଁ କାନ୍ଦି ମାଟିରେ ଧକାଉଛି ଲୋ ! ଜିଭରେ ଚାଟି ପକେଇଲା ଛୁଆକୁ ତା'ର । ଭଡ଼ାଏ ଖିଂକାରୀ ହେଲା କୁକୁରମାନଙ୍କ ଉପରେ । ସେଇ ଭିତରୁ ଡେଙ୍ଗା କୁତ୍ତା ବହେ ବକିଗଲା । କହିଲା.. ଚୁପ କର କୁତ୍ତି ! ତୁ କ'ଣ ନିଜକୁ ଭାବୁଛୁ ଏକା ବୁଦ୍ଧିମତୀ ? ରହ । ଧୈର୍ଯ୍ୟ ଧର । ଆନ୍ଦୋଳନ ହବ । ପ୍ରତିବାଦ କରାଯିବ । ମହା ସଂଗ୍ରାମ ଚାଲିବ । ଏବେ ତୋ ଘାଇଲା ଛୁଆକୁ କୋଉଠିକି ନ ନେଇ ଏଇଠି ରଖାଯିବ । ମିଡ଼ିଆବାଲାଙ୍କୁ ଡକାଯିବ । ଫଟୋ ଉଠାଯିବ । ସାମ୍ବାଦିକମାନଙ୍କୁ ଠୋସ ପ୍ରମାଣ ଦେଖେଇ ଟିଭିରେ ହେଡ୍ ନିଉଜ କରାଯିବ । ଯୋଉ ବେପରୁଆ ଉତୁପାତିଆ ଗାଡ଼ି ଚଢ଼େଇ ମରଣାନ୍ତକ ଦୁର୍ଘଟଣା କରେଇଛି, ତାକୁ ଧରି କ୍ଷୟକ୍ଷତିର ହିସାବ ମଗାଯିବ ।

ମୋଟୁ ଭୁକିଲା.. ଭୁକ୍ ଭୁକ୍... ଭୋ.. ଓ.. ଓ.. । କହିଲା ଆରେ ଚୁପ ରହ । ଏଇ ସଞ୍ଜିବୁଢ଼େ ନେତାଙ୍କ ଭଳିଆ ବେଶି ଭାଷଣ ଦେଉଛି ।



ହଇରେ, କାହା ଆଗରେ ପ୍ରତିବାଦ କରିବ ? ବରଂ ଆଗେ ଚାଲ ଥାନା । ଥାନାବାବୁ ଲେଖିଲେ, ଯିବା ଡାକ୍ତରଖାନା । ସେଇଠୁ ଇଞ୍ଜୁରି ସାର୍ଟିଫିକେଟ ପାଇଲେ, ଏଫ.ଆଇ.ଆର.ରେ ଲେଖାଯିବ ଆଟେମ୍ପ୍ଟ ଟୁ ମର୍ଡର କେସ୍ । ପୋଲିସ ନ ଶୁଣିଲେ ଧର୍ମଘଟ ପ୍ରତିବାଦ କରାଯିବ । ଏଇ ବେଳେ ଛୋଟୀ ଆଗକୁ ଆସି କହିଲା.. ହେ ଭାଇନା ! ତେମେ ବୋଧେ ପୋଲିସିଆଙ୍କ ଠେଙ୍ଗେଣି ମାଡ଼ ଖାଇନା ! ମୁଁ ଖାଇଛି ବୋଲି ମୋ ଅନୁଭୂତି କହୁଛି, ଯୋଉଦିନୁ ଟାଙ୍କୁ ଭାଙ୍ଗି ଏଇ ଦଶା ଭୋଗୁଛି । ସେଠିକି କିଆଁ ଯିବ ? ବରଂ ଆଗ ସମସ୍ତେ ଚାଲ ବଡ଼ ନେତାଙ୍କ ପାଖକୁ । ତାଙ୍କୁ ଦୁଃଖ କହିବା.. ନ୍ୟାୟ ମାଗିବା । କାଲୁ କହିଲା..ନେତା ? କୋଉ ନେତା ? ଯାହାଙ୍କ ଯୁଆଡ଼େ ବରଷା, ସିଆଡ଼େ ଛତା ? ଆହେ ସିଏ କଅଣ ଆମ ପାଇଁ କରିବେ ? ଯିଏ ଜିତେଇଲେ ତାଙ୍କ କଥା ବୁଝିବା ବୁଝିବା କହି ଯାହାଙ୍କ ପାଞ୍ଚ ବରଷ କୁଆଡ଼େ ଯାଏ ଜଣା ପଡ଼େନି, ଆମ କଥା ପୁଣି ବୁଝିବାକୁ ଦୁଆର ଖୋଲି ଯେମିତି ଅନେଇଁ ଥିବେ ! ବରଂ ମୋ କଥା ଶୁଣ । ଏଇଟା କୋର୍ଟ କଚେରିରେ ଫଇସଲା ହେବା ଦର୍କାର । ସେଇଠି ନ୍ୟାୟ ବିଚାର ହୁଏ । ଦୋଷିକି ଦଣ୍ଡ ଦେଇ ସାବାର୍ଡ କରାଯାଏ ।

ଡେଙ୍ଗା ଫେଁ ଫେଁ ହେଇ ହସି କହିଲା... ଆରେ ତୁ ଛୋଟୀ ! ତୋ ପାଇଁ କ'ଣ ଯାଇଥିଲୁ ସେଇଠି କି ? ଆଉ ଏତେ ଲମ୍ବା ଭାଷଣ ମାରେନା । ଆଛା କହିଲୁ, ଆମପାଇଁ ଲଢ଼ିବାକୁ କୋଉ ଓକିଲ, ମୋହରିର ବାହାରି ଆସିବେ ? ଏମାନଙ୍କ ଯୁକ୍ତିତର୍କ ଚାଲିଥିଲାବେଳେ, କୁତ୍ତି କାକୁତି ମିନତି ହେଇ କହୁଥାଏ.. ଆରେ ଆଗ ମୋ ଛୁଆର ଜୀବନ ରଖ ! ଚିକିତ୍ସାରେ ବହୁତ ବିଳମ୍ବ ହେଲାଣି । ସିଏ ମରିଗଲେ ମୁଁ କ'ଣ ଆଉ ତାକୁ ପାଇବି ? ତମେ ବୁଝୁନା କାହିଁକି ? କିଛି ତା' କଥାକୁ ସମର୍ଥନ କଲେ ତ ଆଉକିଛି ପ୍ରତିବାଦ କଲେ । କହିଲେ ଠୋସ ପ୍ରମାଣ ପାଇଁ ସେ ଏମିତି ରକ୍ତାକ୍ତ ଅବସ୍ଥାରେ ଏଇଠି ରହିବା ଜରୁରୀ । କିଏ ଗୋଟେ ରଡ଼ିଛାଡି କହିଲା, ସମସ୍ତେ ଏକ ସ୍ୱରରେ ବୋବାଳି ଛାଡ଼ । ସମସ୍ତ କୁତ୍ତା କୁତ୍ତୀଙ୍କୁ ଏକାଠି କରାଅ । ସହର ପରିକ୍ରମା କରାଯିବ । ଆବଶ୍ୟକ ହେଲେ ବିଧାକୁ ନ ଡରି ବିଧାନସଭା ଘେରାଉ ହେବ । ତା' ଆଗରୁ ଏବେ ଗୋଟେ ଜରୁରୀ ମିଟିଙ୍ଗ ହେଉ । ସବୁ ଅସନ୍ତୁଷ୍ଟିଆଙ୍କୁ ଏକଜୁଟ କରାଯାଉ । ଆମ ଉପରେ ଦୀର୍ଘଦିନରୁ ହେଉଥିବା ଅତ୍ୟାଚାରର ଲମ୍ବା ତାଲିକା ପ୍ରସ୍ତୁତ କରାଯାଉ । ଯଦି ଦର୍କାର ପଡ଼େ ରାତିସାରା ଭୋ ଭୋ ଭୁକି ମଣିଷଙ୍କ ନିଦ ହଜେଇ ଦିଆଯାଉ । ଚେଇଁ ଶୋଇଥିବା ବିଜ୍ଞ ଜନତାଙ୍କୁ ଉଚିତ ଶିକ୍ଷା ଦିଆଯାଉ । ସ୍ଲୋଗାନ ଲେଖାଯାଉ । ପାଳି ଧରିବାକୁ ଆମ ଭିତରୁ ବଛାଯାଉ । ଆମର ଦାବି ପୂରଣ ହେଉ... ପୂରଣ ହେଉ.. । ମଣିଷ ଜୁଲମ ବନ୍ଦ ହେଉ.. ବନ୍ଦ ହେଉ.. । ଏମିତି କଥା ଶୁଣି କାଣୀ, କୁଜୀ, ଛୋଟୀ, କେମ୍ପୀ, ଡେଙ୍ଗା, ଗେଡ଼ା, ଯୁବା, ବୁଢା.. ହୋଇଗଲେ ଛିଡ଼ା । ଭୋ.. ଓ.. ଓ. ଭୁ ଭୋ ଭୋ.. ଶବଦରେ ସମର୍ଥନ କରି କହିଲେ ହଁ ହଁ ସେଇଆ ହଉ । ଏତିକିବେଳେ ଉଚ୍ଚ କାନ୍ଦଣା ସ୍ୱର ଶୁଣି ସମସ୍ତେ ଚୁପଚାପ ରହିବା ପରେ, ଖଣ୍ଡିଲାଙ୍ଗୁଡ଼ି ଜଣେଇଲେ.. ଏବେ ଏବେ ତାଜା ଖବର ମିଳିଲା କି ଘାଇଲା କୁତ୍ତାର ମୃତ୍ୟୁ ହୋଇଗଲା । ତା' ପରେ ମିଳିତ କାନ୍ଦ ବୋବାଳିରେ ଖଣ୍ଡମଣ୍ଡଳ କମ୍ପିଉଠିଲା । ଟ୍ରାଫିକ ଜାମ ହେଲା । ଯାନବାହନ ଯିବା ବନ୍ଦ ହୋଇଗଲା । ଘନ ଘନ ଫୋନ ଆସିଲା.. ଅମକେଇ ସହରର ପରିସ୍ଥିତି ଅସମ୍ଭାଳ । ଏମର୍ଜେନ୍ସି ଅର୍ଡର ପାଇ ପହଞ୍ଚିଗଲେ ଲାଠିଧାରୀ ପୋଲିସଦଳ ଓ ଅନେକ ସରକାରୀ କର୍ମଚାରୀ । ଚାଲିଲା ଲାଠିମାଡ଼ । କେତେ ଘାଇଲା ହେଲେ । କେତେ ଅନ୍ଧାରିଆ ଜାଗାକୁ ଛୁ ମାରିଲେ । ଆଉକିଛି ବଡ଼ ବଡ଼ କଥା କହୁଥିବା କୁତ୍ତା ଆଗୁଆ ଖବର ପାଇ ଆତ୍ମଗୋପନ କଲେ । ଚାରିଦିନେ ଉପର ମହଲରୁ ଉଚ୍ଚସ୍ତରୀୟ ଆଦେଶନାମା ଜାରି କରାଗଲା ଯେ... ବୁଲା ଦେଶୀ କୁତ୍ତା କୁତ୍ତିଙ୍କ ମାତ୍ରାଧିକ ବଂଶବୃଦ୍ଧି, ମାନବ ସମାଜ ପ୍ରତି ମହା ବିପତ୍ତି । ଗୋଟା ଗୋଟାକୁ ଗୋଡ଼େଇ ଧରି ପରିବାର ନିୟନ୍ତ୍ରଣ ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରାଯାଉ । ଆଉ ଯେଉଁମାନେ ଜନ୍ମ କ୍ଷମତା ହରେଇ ସାରିଛନ୍ତି, ତାଙ୍କୁ ଅଖାଭିତରେ ପୂରେଇ ଅପନ୍ତରା ରାଇଜରେ ଛଡାଯାଉ । ଯା' ହେଉ , ଏତେଦିନ ପରେ ନ୍ୟାଯ୍ୟ ଦାବି ଶୁଣି, ସେମାନଙ୍କ ଅଭାବ ଅସୁବିଧାର ପ୍ରତିକାର ଯୋଜନା ପୂରଣ ହେଲା, କିଛି ପଶିଗଲା ଅଖା ଭିତରେ ତ ଆଉକିଛି ବନ୍ଧ୍ୟାକରଣ ଯୋଜନା ଭିତରେ.... !

*-ମଙ୍ଗରାଜପୁର, ପୁରୀ, ମୋ: ୭୦୦୮୧୮୮୮୪୭*

## ପୁସ୍ତକ ସମୀକ୍ଷା

### ଓଡ଼ିଆ ସାହିତ୍ୟକୁ ନିମାପଡ଼ାର ଅବଦାନ

**ଡ.ପ୍ରମୋଦିନୀ ଜେନା, ପ୍ରକାଶକ- ଶିଶୁକଲମ, ବି, ୯ ଶହୀଦ ନଗର ଭୁବନେଶ୍ୱର- ୭, ମୂଲ୍ୟ- ୫୦୦ଟଙ୍କା**


ଓଡ଼ିଆ ସାହିତ୍ୟକୁ ନିମାପଡ଼ାର ଅବଦାନ ଡ.ପ୍ରମୋଦିନୀ ଜେନାଙ୍କ ପୁସ୍ତକ । ଏହାର ପ୍ରଥମ ପରିଚ୍ଛେଦରେ ନିମାପଡ଼ାର ଅତୀତ ଓ ବର୍ତ୍ତମାନ: ଏକ ଅନୁଶୀଳନ, ଦ୍ୱିତୀୟ ପରିଚ୍ଛେଦରେ ନିମାପଡ଼ାର ସୃଜନଶୀଳ ପ୍ରତିଭା: ଏକ ଅନ୍ୱେଷଣ, ତୃତୀୟ ପରିଚ୍ଛେଦରେ ନିମାପଡ଼ାର ଭାବଭୂମି ଉପରେ ସାହିତ୍ୟ ଦ୍ରୁମ ଓ ଚତୁର୍ଥ ପରିଚ୍ଛେଦରେ ଓଡ଼ିଆ ସାହିତ୍ୟର ଅନାଲୋଚିତ ପ୍ରତିଭା ଓ ନିମାପଡ଼ା ବିଷୟ ରହିଛି । ନିମାପଡ଼ା ନାମ ନିମାଇପଡ଼ାର ଅପଭ୍ରଂଶ ହୋଇଥିବା ସମ୍ଭବ, କାରଣ ନିମାପଡ଼ାର ଉତ୍ତର ପୂର୍ବ କୋଣ ପାଖରେ ଗୋଟିଏ ମଠ ଅଛି, ଏହାକୁ ରାହାସ ମଠ କହନ୍ତି । ଏଠାରେ ନିତ୍ୟାନନ୍ଦ ଓ ଚୈତନ୍ୟ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତି ବିରାଜମାନ । ଶ୍ରୀ ଚୈତନ୍ୟଙ୍କ ଶ୍ରଦ୍ଧାନାମ ନିମାଇ । ବୋଧହୁଏ ସେହିକାଳରୁ ଏ ସ୍ଥାନଟିର ନାମ ନିମାଇପଡ଼ା ବୋଲି କଥିତ ହେଉଥିବା ଜଣାଯାଏ । ନିମାଇପଡ଼ା କ୍ରମେ ନିମାପଡ଼ାରେ ପରିଣତ ହୋଇଛି । ପୁସ୍ତକଟିରେ ଡ. ଜେନା ଅନେକ ଫଟୋ ମ୍ୟାପ୍ ଓ ତଥ୍ୟ ଉପସ୍ଥାପନ କରିଛନ୍ତି । ଯାହା ଏକ ଉପାଦେୟ ଗ୍ରନ୍ଥ ଭାବେ ପରିଚୟ ସୃଷ୍ଟି କରିଛି ।




### ଗାନ୍ଧିଜୀଙ୍କ ରକ୍ତ ଭିଜା ଲୁଗା

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର, ପ୍ରକାଶକ- ଜଗନ୍ନାଥ ରଥ ବିନୋଦ ବିହାରୀ, କଟକ-୨, ମୂଲ୍ୟ-୧୧୫ଟଙ୍କା**

ଏଥିରେ ଗାନ୍ଧିଜୀଙ୍କ ସମ୍ପର୍କରେ ବିଭିନ୍ନ ପ୍ରବନ୍ଧ ପ୍ରକାଶିତ ହୋଇଛି । ୨୪ଟି ପ୍ରବନ୍ଧ ରହିଛି । ମୋହନ ସୁନ୍ଦର ମୂରତି ପାଖରୁ ଆରମ୍ଭ ହୋଇ ମହାତ୍ମା ଗାନ୍ଧୀ ଓ ଗଙ୍ଗାଧର ମେହେର ପର୍ଯ୍ୟନ୍ତ ପ୍ରବନ୍ଧରେ ଶେଷ ହୋଇଛି । ପ୍ରଥମ ପ୍ରବନ୍ଧରେ ଗାନ୍ଧୀ ଲେଖିଛନ୍ତି, ଟ୍ରେନ୍‌ର ପ୍ରଥମ ଶ୍ରେଣୀ ବଗିରେ ବସିବାର ଅଧିକାରରୁ ବଞ୍ଚିତ ହୋଇ ସାରା ଶୀତରାତି ନିର୍ଜନ ପ୍ଲାଟଫର୍ମରେ ଥରି ଉଠୁଥିବା ଗାନ୍ଧିଜୀଙ୍କ ପ୍ରତିଟି ଜୀବକୋଷରେ ଯେଉଁ ଉଷ୍ମତା ସେ ଦିନ ଜନ୍ମ ନେଇଥିଲା ତା' ନାଁ ଥିଲା ସତ୍ୟାଗ୍ରହ । ତାହା ହିଁ ଥିଲା ଗାନ୍ଧିଜୀଙ୍କ ଜୀବନର ଶ୍ରେଷ୍ଠ ସୃଜନଶୀଳ ମୁହୂର୍ତ୍ତ । ସେହିପରି ଲେଖକ ଗାନ୍ଧିଜୀଙ୍କ ରକ୍ତସ୍ନାତ ଲୁଗାର ଆତ୍ମକଥାରେ ଲେଖିଛନ୍ତି, ଯେଉଁଦିନ ତାଙ୍କୁ ପ୍ରାର୍ଥନା ସଭାରେ ଗୁଳି ହେଲା ସେହି ରକ୍ତ ଭିଜା ଲୁଗା କଥା ଲେଖିଛନ୍ତି । ଗାନ୍ଧୀ- ଦର୍ଶନର ସବୁ ତତ୍ତ୍ୱ ଏହି ରକ୍ତସ୍ନାତ ଅଂଶରେ ବିରାଜିତ । ଆଜି ଗାନ୍ଧୀ ନାହାନ୍ତି । ରକ୍ତ ଧାରାରେ ଭିଜି ଯାଇଥିବା ଖଦଡ ବସ୍ତ୍ର ଖଣ୍ଡିକ ରହିଛି, ରହିଥିବ । ପୁସ୍ତକର ସବୁ ପ୍ରବନ୍ଧ ସୁଖପାଠ୍ୟ । ଏହା ପାଠକଙ୍କୁ ନିଶ୍ଚୟ ନିଆରା ଆନନ୍ଦ ଦେବ ।



ବ୍ୟାକ୍ ପେଜ୍

# ମିନି ଚେୟାର୍‌ର ଦୁନିଆ

ଛୋଟ ପିଲା ଖାସ୍‌କରି କୁନି ଝିଅମାନେ ଖେଳଣା କଡେଇ, ଡେକ୍‌ଚି, ଘରର ବିଭିନ୍ନ ଆସବାବପତ୍ର ଯେମିତି କି, ଚେୟାର, ଟେବୁଲ, ଖଟ ଆଦି ଧରି ଖେଳିବା ଓ ତାକୁ ସଜାଡି ରଖୁଥିବା ଦେଖିଥିବେ। ତେବେ କୌଣସି ବୟସ୍କା ମହିଳା କୁନି କୁନି ଚେୟାର ସଜାଡି ରଖୁଥିବା ଜାଣି ନ ଥିବେ। ଆମେରିକା, ଷ୍ଟୋନ ମାଉଣ୍ଟେନ ଗ୍ରାମର ବାର୍‌ବରା ହାର୍ଟସ୍ ଫିଲ୍ଡ ନାମ୍ନୀ ଜଣେ ମହିଳାଙ୍କୁ ଭଲ ଲାଗେ କୁନି କୁନି ମିନିଏଚର ଚେୟାର ସଂଗ୍ରହ କରିବା। ପ୍ରତି ୱିକେଣ୍ଡରେ ସେ ବିଭିନ୍ନ ସ୍ଥାନରୁ ମିନି ଚେୟାର୍ କିଣନ୍ତି। ଏମିତିରେ ଦୀର୍ଘ ୧୦ ବର୍ଷ ବିତିଗଲାଣି । ଏବେ ତାଙ୍କ ନିକଟରେ ୩୦୦୦ରୁ ଊର୍ଦ୍ଧ୍ୱ ମିନି ଚେୟାର୍ ହୋଇଗଲାଣି। ଆଉ ଏହି ସଂଗ୍ରହ ତାଙ୍କୁ ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ବି ସ୍ଥାନ ଦେଇଛି। ତାଙ୍କ ନିକଟରେ ଥିବା ବିଭିନ୍ନ ପ୍ରକାରର ମିନି ଚେୟାର ମଧ୍ୟରେ ବୋତଲ ଭିତରେ ଚେୟାର, ଚେୟାର ଭିତରେ ଚେୟାର, ଚେୟାର୍‌ର ଇୟରିଂ



ହୋଲ୍ଡର୍ ଆଦି ଅନ୍ୟତମ। ତାଙ୍କ ପାଖରେ ଅନେକ ଅଳଙ୍କାର ଅଛି, ଯାହାକି ଗୋଟିଏ ଗୋଟିଏ ଭିନ୍ନ ଡିଜାଇନ୍ ଓ ଆକୃତିର ଚେୟାର ଅଟେ। ତାଙ୍କର ପ୍ରତ୍ୟେକ ମିନି ଚେୟାର୍ ବେଶ୍ ଆକର୍ଷକ ଓ ସ୍ୱତନ୍ତ୍ର ଅଟେ। ସେ ଏକ ମିନି ଚେୟାର୍ ଗ୍ୟାଲେରି ବି କରିଛନ୍ତି, ଯାହାକୁ ଦେଖିବାପାଇଁ ବହୁତ ଲୋକ ଆସନ୍ତି।






# ସବୁଠୁ ଡେଙ୍ଗା ବାସ୍କେଟବଲ ଖେଳାଳି

ଉତ୍ତର ପ୍ରଦେଶ କାନପୁରରେ ପୁନମ ଚତୁର୍ବେଦୀଙ୍କର ଜନ୍ମ। ହାଇସ୍କୁଲରେ ପଢ଼ିବାବେଳକୁ ତାଙ୍କର ଉଚ୍ଚତା ଅସ୍ୱାଭାବିକଭାବେ ବଢ଼ି ଛଅଫୁଟ ହୋଇ ସାରିଥିଲା। ଫଳରେ ସେ ଭିଡ଼ ଭିତରୁ ବି ବାରି ହୋଇପଡୁଥିଲେ। ହେଲେ ସାଙ୍ଗସାଥୀ ତାଙ୍କୁ ବହୁତ ଚିଡ଼ାଉଥିଲେ। ତାଙ୍କର ଉପର ଓଠରେ ବିକୃତି ଥିଲା। ତାହା ତାଙ୍କ ରୂପକୁ ଖରାପ କରିବା ସହ ସେ ଭଲରେ କଥା ବି ହୋଇପାରୁ ନ ଥିଲେ। ତେଣୁ ସମସ୍ତେ ତାଙ୍କୁ ଉପହାସ କରୁଥିଲେ। ତେବେ ଥରେ ତାଙ୍କର ଜଣେ ପାରିବାରିକ ମିତ୍ରଙ୍କର ତାଙ୍କ ଉଚ୍ଚତା ଉପରେ ନଜର ପଡ଼ିଲା। ସେ ପ୍ରସ୍ତାବ ଦେଲେ ବାସ୍କେଟବଲ ଖେଳିବା କଥା କେବେ ଭାବିଚ ? ଏଇଠୁ ତାଙ୍କ ମନରେ ଏକ ନୂଆ ଆଶା ସଞ୍ଚରିତ ହେଲା।  ସେ ଭାବିଲେ ଯେଉଁ ଉଚ୍ଚତା ପାଇଁ ପରିହାସର ଶିକାର ହେବାକୁ ପଡୁଛି, ତା'ର ସଦୁପଯୋଗ କରି ନାଁ କରିବେ। ତେଣୁ ପୁନମ୍ ଏହି ଖେଳରେ ମନୋନିବେଶ କଲେ। ଖୁବ୍ ଶୀଘ୍ର ସେ ରାଜ୍ୟସ୍ତରୀୟ ଖେଳ ପାଇଁ ମନୋନୀତ ହୋଇଗଲେ। ଦିନକୁ ଦିନ ସେ ଭଲ ପ୍ରଦର୍ଶନ କରି ନାଁ କରିବାକୁ ଲାଗିଲେ। ହେଲେ ଭାଗ୍ୟ ପୁଣିଥରେ ତାଙ୍କ ସହ ଖେଳ ଖେଳିଲା। ୨୦୧୩ରେ ତାଙ୍କର ବ୍ରେନ ଟ୍ୟୁମର୍ ହୋଇଛି ବୋଲି ଜଣାପଡ଼ିଲା। ଦୁଇଟି ବଡ଼ ବଡ଼ ସର୍ଜରି ହେଲା। ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଖେଳଠୁ ଦୂରେଇ ରହିବାକୁ ହେଲା। ହେଲେ ତାଙ୍କର ବାସ୍କେଟବଲ ପ୍ରତି ଭଲ ପାଇବା ଓ ଦୃଢ଼ମନୋବଳ ତାଙ୍କୁ ଟ୍ୟୁମର ସହ ଲଢ଼ି ସୁସ୍ଥ ହେବାରେ ସାହାଯ୍ୟ କଲା। ୨୦୧୯ରେ ସେ ଟ୍ୟୁମରମୁକ୍ତ ବୋଲି ଘୋଷିତ ହେଲେ। ସେ ପୁଣି ଥରେ ଖେଳ ପଡ଼ିଆକୁ ଓହ୍ଲାଇଲେ। ଭଲ ପ୍ରଦର୍ଶନ ବି କଲେ। ସେ ଏବେ ଭାରତର ସାତଫୁଟିଆ ମହିଳା ବାସ୍କେଟବଲ ଖେଳାଳିଭାବେ ବେଶ୍ ପରିଚିତ।





# ନିଆରା ରଙ୍ଗୋଲି

ହିନ୍ଦୁଧର୍ମରେ ରଙ୍ଗୋଲିର ମହତ୍ତ୍ୱ  ବହୁତ ରହିଛି। ଖାସ୍‌କରି ପର୍ବପର୍ବାଣିରେ ରଙ୍ଗୋଲି କରିବା ଶୁଭ ବୋଲି ମାନ୍ୟତା ରହିଛି। ଏହାଦ୍ୱାରା ଦେବୀ ଦେବତା ପ୍ରସନ୍ନ ହେବା ସହ ଘରେ ସକାରାତ୍ମକ ଊର୍ଜା ଆସେ ବୋଲି ବିଶ୍ୱାସ କରାଯାଏ। ନାନା ରଙ୍ଗର ରଙ୍ଗୋଲି ଘର ସାମ୍ନାଭାଗ ଓ ଅଗଣାର ଶୋଭାକୁ ଦ୍ୱିଗୁଣିତ କରିଥାଏ। ହେଲେ ଏବେ ସୋସିଆଲ ମିଡ଼ିଆରେ ଏକଭିନ୍ନ ଧରଣର ରଙ୍ଗୋଲି ଭାଇରାଲ ହେଉଛି। ଏହି ରଙ୍ଗୋଲି ରଙ୍ଗିନ ଓ ସୁନ୍ଦର, ହେଲେ ଏହାକୁ ରଙ୍ଗରେ ନୁହେଁ ବରଂ ତିଆରି କରାଯାଇଛି ସୂତା ଓ କଣ୍ଟାରେ। ମୁସ୍କାନ ରାଜପୁତ ନାମକ ଜଣେ ଯୁବତୀ ଏହାକୁ ତିଆରି କରିଛନ୍ତି। ଏହାକୁ ତିଆରି କରିବା ଲାଗି ସେ ଏକ ଗୋଲାକାର କାଠ ଉପରେ ଡିଜାଇନ୍ କରି ଅନେକ କଣ୍ଟା ବାଡେଇଲେ। ତା'ପରେ ସେହି କଣ୍ଟାରେ ରଙ୍ଗିନ ସୂତାକୁ ଛନ୍ଦା ଛନ୍ଦି କରି ସୁନ୍ଦର ଫୁଲର ଡିଜାଇନ୍ କଲେ, ଯାହା କି ରଙ୍ଗୋଲି ଭଳି ଦେଖାଗଲା। ମୁସ୍କାନଙ୍କୁ ଏହି ରଙ୍ଗୋଲି କରିବା ଲାଗି ଦୁଇଦିନ ଲାଗିଥିଲା।